ସାପ୍ତାହିକ
ସ୍ୱୀକାର
The Sweekar ସ୍ୱୀକାର
Postal Regd. No.: SBP/RN-01/2022-2024
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 30 | 24 - 30 July 2022 | Sambalpur | Page-12 | Invitation Price Rs.10

# ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ରୂପେ ନିର୍ବାଚିତ

ନୂଆଦିଲ୍ଲୀ : ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ଦେଶର ପଞ୍ଚଦଶ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି । ମୁର୍ମୁଙ୍କ ବିଜୟ ସହ ଦେଶକୁ ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି ମିଳିଥିବା ବେଳେ ଭାରତର ଗଣତାନ୍ତ୍ରିକ ଇତିହାସରେ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି । ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମିଳିତ ବିରୋଧୀ ଦଳ ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ବିପୁଳ ଭୋଟରେ ପରାଜିତ କରିଛନ୍ତି । ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି ୬୪ % ଭୋଟ୍ ପାଇ ନିର୍ବାଚିତ ଏନ୍‌ଡିଏ ବାହାରୁ ମଧ ତାଙ୍କୁ ମିଳିଛି ବିପୁଳ ସମର୍ଥନ । ମୁର୍ମୁ ୬୪ ପ୍ରତିଶତ ଭୋଟ୍ ହାସଲ କରିବାକୁ ସମର୍ଥ ହୋଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦୀ ସିହ୍ନାଙ୍କୁ ୩୬ ପ୍ରତିଶତ ଭୋଟ୍ ମିଳିଛି ।

ଦୁଃଖ ମଣିଷକୁ ଶକ୍ତିଶାଳୀ କରେ । ଲୁହ ଶିଖାଏ ବଞ୍ଚିବାର କଳା । ଜୀବନର ଝଡ଼ ଭିତରେ ଅଣ୍ଟା ସଳଖି ଠିଆ ହେବାକୁ ପଡେ । ଦୁଃଖ, ଯନ୍ତ୍ରଣାର ଛାଇ ଆଲୁଅ ଭିତରେ ଉପରକୁ ଉଠିବା ମଧ ସମ୍ଭବ । ଏସବୁ ପ୍ରତିଫଳିତ ହୋଇଛି ଦେଶର ନବନିର୍ବାଚିତ ପଞ୍ଚଦଶ ରାଷ୍ଟ୍ର ପତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନରେ ।

ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ କୁସୁମୀ ବ୍ଲକ୍‌ର ଅଖ୍ୟାତ ଆଦିବାସୀ ପଲ୍ଲୀ ଉପରବେଡା । ଏହି ଉପାନ୍ତ ଗାଁରେ ୧୯୫୮ରେ ଏକ ସାନ୍ତାଳ ପରିବାରରେ ଜନ୍ମ ହୋଇଥିଲେ ଦ୍ରୌପଦୀ ମୁର୍ମୁ । ବାପା ବିରଞ୍ଚି ନାରାୟଣ ଟୁଡୁ ଥିଲେ ମୟୁରଭଞ୍ଜ ରାଜାଙ୍କ ଦରବାରରେ ଜଣେ କର୍ମଚାରୀ । ଆର୍ଥିକ ଅବସ୍ଥା ଏତେ ସ୍ୱଚ୍ଛଳ ନ ଥିଲା । ସେ ସମୟରେ ଆଦିବାସୀ ଝିଅମାନେ ପାଠ ପଢ଼ିବାକୁ ଏତେ ଆଗ୍ରହୀ ନ ଥିଲେ କି ସୁଯୋଗ ମଧ ନ ଥିଲା । ଗାଁ ପ୍ରାଥମିକ ସ୍କୁଲରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ା ଶେଷ କରିଥିଲେ । ସପ୍ତମ ପାସ୍ ପରେ ଅଧିକ ପଢ଼ିବାକୁ ଦ୍ରୌପଦୀଙ୍କ ଆଗ୍ରହ ଥିଲା । କିନ୍ତୁ ସୁଯୋଗ ନ ଥିଲା । ସମ୍ପର୍କୀୟ ଦାଦା କାର୍ତ୍ତିକଚନ୍ଦ୍ର ମାଝୀ ଭୁବନେଶ୍ୱରରେ ମନ୍ତ୍ରୀ ଥିଲେ । ସେ ଗାଁକୁ ଯାଇଥିବା ବେଳେ ତାଙ୍କ ଆଗରେ ଅଧିକ ପଢ଼ିବାକୁ ଇଚ୍ଛା ପ୍ରକାଶ କରିଥିଲେ । ଆଉ ସ୍ୱର୍ଗତ ମାଝୀଙ୍କ ଉଦ୍ୟମରେ ୧୯୭୦ରେ ଦ୍ରୌପଦୀ ଆସିଲେ ଭୁବନେଶ୍ୱର । ୟୁନିଟ୍-୨ ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇଲେ । ଆଉ ରହିଲେ ଆଦିବାସୀ ଛାତ୍ରୀନିବାସରେ ।

୧୯୭୪ରେ ମାଟ୍ରିକ୍ ପାସ୍ କଲେ । କଲେଜରେ ପାଠ ପଢ଼ିବାକୁ ଆବେଦନ କରାଯାଏ ବୋଲି ଜାଣି ନ ଥିଲେ । ଜାଣିଲା ବେଳକୁ ଆବେଦନ ତାରିଖ ସରି ଯାଇଥାଏ । ଗୋଟିଏ ବର୍ଷ ଅପେକ୍ଷା କଲା ପରେ ରମାଦେବୀ କଲେଜରେ ନାମ ଲେଖାଇଲେ ଦ୍ରୌପଦୀ । ରହିଲେ ଛାତ୍ରୀନିବାସରେ । ଗାଁରୁ ବାପା ପଠାଉଥିଲେ ମାସକୁ ୧୦ ଟଙ୍କା । ପାଖରେ ଟଙ୍କା ନ ଥିବାରୁ କଲେଜ କ୍ୟାଣ୍ଟିନ୍ ଯାଉ ନ ଥିଲେ । ସାଙ୍ଗସାଥୀ ଡାକିଲେ ମଧ ବାହାନା ଦେଖାଇ ଟାଳୁଥିଲେ । ବଜାର, ସିନେମା ଯିବା ସ୍ୱପ୍ନର କଥା । ଭୁବନେଶ୍ୱରରେ ୮ ବର୍ଷ ଛାତ୍ରୀ ଜୀବନ ଭିତରେ ମାତ୍ର ଗୋଟିଏ ସିନେମା





ଦେଖିଥିଲେ ଦ୍ରୌପଦୀ । ତାହା ପୁଣି ରବି ଟକିଜ୍‌ରେ । ସିନେମାର ନାଁ ହେଲା 'ଗପ ହେଲେ ବି ସତ' । ରମାଦେବୀରୁ ବିଏ ପାସ୍ ପରେ ଅର୍ଥାଭାବରୁ ଅଧିକ ବଢ଼ିବା ସମ୍ଭବ ନ ଥିଲା । ୧୯୭୯ରେ ସଚିବାଳୟରେ ଚାକିରୀ ଜୀବନ ଆରମ୍ଭ କଲେ । ଏହା ପରେ ବ୍ୟାଙ୍କ ମ୍ୟାନେଜର ଶ୍ୟାମାଚରଣ ମୁର୍ମୁଙ୍କ ସହ ବାହାଘର ହେଲା । ଦ୍ରୌପଦୀ ଟୁଡୁ ପାଲଟିଗଲେ ଦ୍ରୌପଦୀ ମୁର୍ମୁ । ଦୁଇଟି ପୁଅ ଓ ଗୋଟିଏ ଝିଅକୁ ନେଇ ପରିବାର ଚାଲିଥିଲା । ସ୍ୱାମୀ ଅନ୍ୟ ସ୍ଥାନରେ ଚାକିରୀ କରୁଥିଲେ । ପରିବାରର ଯତ୍ନ ନେବାକୁ ସରକାରୀ ଚାକିରୀ ଛାଡ଼ିଥିଲେ ଦ୍ରୌପଦୀ ।

୧୯୯୪ରେ ରାଇରଙ୍ଗପୁର ଫେରି ଆସି ଦ୍ରୌପଦୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିକ୍ଷୟିତ୍ରୀ ଭାବେ ଅବୈତନିକ ଭାବେ କାର୍ଯ୍ୟ କଲେ । ଶିକ୍ଷକତାରୁ ଅବସର ନେଇ ୧୯୯୭ରେ ରାଜନୀତିରେ ଯୋଗ ଦେଇଥିଲେ । ରାଇରଙ୍ଗପୁର ଏନ୍‌ଏସିର ସ୍ୱାଧୀନ କାଉନସିଲର ଭାବେ ବିଜୟୀ ହୋଇ ଉପନଗରପାଳ ଦାୟିତ୍ୱ ତୁଲାଇଥିଲେ । ୨୦୦୦ ମସିହାରେ ରାଇରଙ୍ଗପୁର ବିଧାନସଭା ଆସନରୁ ବିଜେପି ଟିକେଟରେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ସେତେବେଳେ ଓଡ଼ିଶାରେ ବିଜେଡି - ବିଜେପି ମେଣ୍ଟ ସରକାର ଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ୨୦୦୦ ମସିହାରୁ ୨୦୦୨ ପର୍ଯ୍ୟନ୍ତ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ପରେ ୨୦୦୨ରୁ ୨୦୦୪ ପର୍ଯ୍ୟନ୍ତ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ରହିଥିଲେ ।

୨୦୦୪ରେ ଦ୍ୱିତୀୟ ଥର ରାଇରଙ୍ଗପୁରରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୨୦୦୭ରେ ତାଙ୍କୁ ବିଧାନସଭାର ଶ୍ରେଷ୍ଠ ବିଧାୟକ ପୁରସ୍କାର ମିଳିଥିଲା । ଜାତୀୟ ସ୍ତରରେ ଦ୍ରୌପଦୀ ଚର୍ଚ୍ଚାକୁ ଆସିଥିଲେ ୨୦୧୫ ମସିହାରେ । ତାଙ୍କୁ ଝାଡ଼ଖଣ୍ଡ ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିଲା । ସେ ଥିଲେ ଝାଡ଼ଖଣ୍ଡର ପ୍ରଥମ ମହିଳା ରାଜ୍ୟପାଳ । ୨୦୨୧ ମସିହା ପର୍ଯ୍ୟନ୍ତ ୬ ବର୍ଷ ସେ ରାଜ୍ୟପାଳ ଭାବେ କାର୍ଯ୍ୟକାଳ ଶେଷ କରିଥିଲେ । ପ୍ରଜାପିତା ବ୍ରହ୍ମକୁମାରୀ ସଂସ୍ଥା ସହ ଜଡ଼ିତ ଥିବା ଦ୍ରୌପଦୀ ବ୍ୟକ୍ତିଗତ ଜୀବନରେ ବହୁ ଦୁଃଖ, ଯନ୍ତ୍ରଣା ସହ୍ୟ କରିଥିବା ଶ୍ରୀମତୀ ମୁର୍ମୁ ବର୍ତ୍ତମାନ ଦେଶ ପାଇଁ ସମ୍ପୂର୍ଣ୍ଣ ଭାବେ ସମର୍ପିତା ।

ସ୍ୱାମୀ ଶ୍ୟାମଚରଣ ମୁର୍ମୁଙ୍କୁ ହରାଇଛନ୍ତି । ସେତିକି ନୁହେଁ, ଅସମୟରେ ଦୁଇ ଉଚ୍ଚ ଶିକ୍ଷିତ ପୁତ୍ର ଲକ୍ଷ୍ମଣ ଓ ସିପୁନ୍‌କୁ ହରାଇ ଭାଙ୍ଗି ପଡିନାହାନ୍ତି ଏହି ଆଦିବାସୀ ନେତ୍ରୀ । ଏବେ ତାଙ୍କର ଏକମାତ୍ର ସାହା ଭରସା ଭାବେ ସାନ ଝିଅ ଇତିଶ୍ରୀ ଭୁବନେଶ୍ୱରରେ ୟୁକୋ ବ୍ୟାଙ୍କର ଅଧିକାରୀ ଅଛନ୍ତି । ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରର ଏକ ଆଦିବାସୀ ଗାଁରୁ ଦିଲ୍ଲୀର ରାଇସିନା ହିଲସ୍ ଯାଇଛନ୍ତି ଏହି ସାନ୍ତାଳୀ ମହିଳା ନେତ୍ରୀ । ୬୪ ବର୍ଷୀୟ ଶ୍ରୀମତୀ ମୁର୍ମୁ ହେଲେ ଦେଶର ପ୍ରଥମ ଆଦିବାସୀ ରାଷ୍ଟ୍ରପତି ତଥା ଦ୍ୱିତୀୟ ମହିଳା ରାଷ୍ଟ୍ରପତି । ପ୍ରଥମ ଓଡ଼ିଆ ଆଦିବାସୀ ମହିଳା ଭାବେ ଦେଶର ପ୍ରଥମ ନାଗରିକ ହେବା ପରେ ସାରା ଓଡ଼ିଶା ଆଜି ଗର୍ବିତ ଓ ଗୌରବାନ୍ୱିତ । ଆଜି ଦ୍ରୌପଦୀ ଯେଉଁ ବିରଳ ସଫଳତା ପାଇଛନ୍ତି ଏବଂ ପୂରା ଦେଶ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ତାହା ଖୁବ ବ୍ୟକ୍ତିଙ୍କ ଜୀବନରେ ଦେଖିବାକୁ ମିଳିଥାଏ ।

ନବ ନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅଭିନନ୍ଦନର ସୁଅ ଛୁଟିଛି । ଏହି କ୍ରମରେ ଓଡ଼ିଶାର ଅନେକ ବ୍ୟକ୍ତି ଶ୍ରୀମତୀ ମୁର୍ମୁଙ୍କୁ ଦିଲ୍ଲୀସ୍ଥିତ ଅସ୍ଥାୟୀ ବାସଭବନରେ ସାକ୍ଷାତ କରୁଛନ୍ତି । ଓଡ଼ିଶାର ପଦ୍ମ ପୁରସ୍କାରରେ ସମ୍ମାନିତ ବ୍ୟକ୍ତିବିଶେଷ ଶ୍ରୀମତୀ ମୁର୍ମୁଙ୍କୁ ସାକ୍ଷାତ କରିଥିଲେ । ବିଶିଷ୍ଟ ସାହିତ୍ୟିକା ପ୍ରତିଭା ରାୟ, ସାନ୍ତାଳୀ ଲେଖିକା ଦମୟନ୍ତୀ ବେଶ୍ରା, ଲୋକକବି ହଳଧର ନାଗ, ଜୈବିକ କୃଷିରେ ସଫଳତା ଅର୍ଜନ କରିଥିବା ସାବରମତି ଓ ସମାଜସେବୀ ଦୈତାରୀ ନାୟକ ଶ୍ରୀମତୀ ମୁର୍ମୁଙ୍କୁ ସାକ୍ଷାତ କରି ଅଭିନନ୍ଦନ ଜଣାଇଛନ୍ତି ।

## ସୂର୍ଯ୍ୟ ଦେଓ ପାଇବେ 'ବେଷ୍ଟ ବୁକ୍ ଅନ୍ ସିନେମା ଆୱାର୍ଡ'

ଭୁବନେଶ୍ୱର: ବିଶିଷ୍ଟ ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ ଚଳିତଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ଏଥର କୌଣସି ଓଡ଼ିଆ ଚଳଚ୍ଚିତ୍ର କିମ୍ବା କେହି ଅଭିନେତା ଅଭିନେତ୍ରୀ ଜାତୀୟ ପୁରସ୍କାର ପାଇ ନ ଥିବା ବେଳେ କେବଳ ଚଳଚ୍ଚିତ୍ରର ସ୍ୱତନ୍ତ୍ର ବର୍ଗରେ ସୂର୍ଯ୍ୟଦେଓଙ୍କ ପୁସ୍ତକ ମନୋନୀତ ହୋଇଛି । 'ବେଷ୍ଟ ବୁକ୍ ଅନ୍ ସିନେମା ଆୱାର୍ଡ (ସ୍ପେସିଆଲ୍ ମେନସନ୍)' ଅର୍ଥାତ 'ଚଳଚ୍ଚିତ୍ର ଉପରେ ଶ୍ରେଷ୍ଠ ପୁସ୍ତକ ସମ୍ମାନ ଶ୍ରୀ ଦେଓଙ୍କୁ ପ୍ରଦାନ କରାଯିବ । ତାଙ୍କ ରଚିତ ପୁସ୍ତକ 'କାଲି ପାଇଁ କାଲିର ସିନେମା' ପାଇଁ ସେ ଏହି ପୁରସ୍କାର ଗ୍ରହଣ କରିବେ । ପୁସ୍ତକରେ ୧୯୪୮ରୁ ୧୯୮୬ ମସିହା ମଧରେ ମୁକ୍ତିଲାଭ କରିଥିବା ୨୧ଟି ଚଳଚ୍ଚିତ୍ରର ସମ୍ପୂର୍ଣ୍ଣ ରୂପରେଖ ରହିଛି । ଚଳଚ୍ଚିତ୍ରଗୁଡ଼ିକର ବିଶ୍ଳେଷଣ, ପରିଚର୍ଯ୍ୟା, ଚର୍ଯ୍ୟା ଓ




ସଂପୂର୍ଣ୍ଣ ଐତିହାସିକ ଗବେଷଣାତ୍ମକ ଲେଖାଗୁଡ଼ିକ ରହିଛି । ସିନେମାର କାହାଣୀ, ପ୍ରଚ୍ଛଦ କାହାଣୀ, ତଥ୍ୟ ଓ ସଂପୃକ୍ତ ବ୍ୟକ୍ତିବିଶେଷମାନଙ୍କର ଉକ୍ତ ସିନେମାଗୁଡ଼ିକ ସାକ୍ଷାତକାର ରହିଛି । ଏଥିସହ କିଭଳି ଓଡ଼ିଆ ସିନେମା ଜଗତକୁ ପ୍ରଭାବିତ କରିଛନ୍ତି, ତାହାର ମଧ ପୁଙ୍ଖାନୁପୁଙ୍ଖ ଚର୍ଚ୍ଚା ରହିଛି । ମାୟାମିରିଗ, ଲଳିତା, ଶ୍ରୀଜଗନ୍ନାଥ, ନାଗଫାଶ ଓ ଚିଲିକା ତୀରେ ଭଳି ଚଳଚ୍ଚିତ୍ର ଏଥିରେ ସ୍ଥାନୀତ ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ୍ କରି ଶ୍ରୀ ଦେଓଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ଟ୍ୱିଟ୍‌ରେ ଉଲ୍ଲେଖ କରିଛନ୍ତି ଯେ ଶ୍ରୀ ଦେଓଙ୍କ ପୁସ୍ତକ ଶ୍ରେଷ୍ଠ ବିବେଚିତ ହେବା ଅତ୍ୟନ୍ତ ଖୁସିର ବିଷୟ । ସିନୋମାରେ ଅଧିକ ଗବେଷଣା କ୍ଷେତ୍ରରେ ଏହି ପୁସ୍ତକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ତାଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ବର୍ତ୍ତମାନ ଭୁବନେଶ୍ୱରରେ ରହୁଥିବା ଶ୍ରୀ ଦେଓ ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ବାସିନ୍ଦା ପ୍ରବଚକ ସତ୍ୟମୋହନ ଦେଓଙ୍କ ପୁତ୍ର ଅଟନ୍ତି ।

## ପ୍ରଫେସର ମହାଦେବ ଜୟସ୍ୱାଲଙ୍କ ପୁନଃ ନିଯୁକ୍ତି

ସମ୍ବଲପୁର : ପ୍ରଫେସର୍ ମହାଦେବ ପ୍ରସାଦ ଜୟସ୍ୱାଲ୍‌ଙ୍କୁ ସରକାର ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ଭାବେ ପୁନଃ ନିଯୁକ୍ତ ଦେଇଛନ୍ତି । ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ଏହି ନୂଆ ଆଇଆଇଏମ୍‌ର ପ୍ରଥମ ନିର୍ଦ୍ଦେଶକ ଭାବେ ଦକ୍ଷତାର ସହ ଦାୟିତ୍ୱ ତୁଲାଇଥିବା ଏହି ଶିକ୍ଷା ପ୍ରଶାସକ ପୁଣି ଆଉ ୫ ବର୍ଷ ପାଇଁ ଅର୍ଥାତ ୨୦୨୭ ପର୍ଯ୍ୟନ୍ତ ଅନୁଷ୍ଠାନର ମୁଖ୍ୟ ପଦରେ ଅଧିଷ୍ଠିତ ହୋଇଛନ୍ତି । ନିଜ ଦକ୍ଷ ନେତୃତ୍ୱ ଓ ଯୋଜନାବଦ୍ଧ କାର୍ଯ୍ୟ ଜରିଆରେ ସ୍ୱଳ୍ପ ସମୟ ମଧରେ ନୂଆ ପିଢ଼ିର ଆଇଆଇଏମ୍ ଗୁଡ଼ିକ ମଧରେ ସମ୍ବଲପୁରର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରି ପାରିଥିଲେ ।



## ଏ ସଂଖ୍ୟାରେ..


ଦେହ ପାଇଁ ଭଲ କିସ୍‌ମିସ୍


ହିତକାରୀ ତୁଳସୀ


ଅଦାର ଔଷଧୀୟ ଗୁଣ


ଉପକାରୀ ପୋଦିନା


ଗୋଲମରିଚର ଉପକାରିତା

# ସମ୍ବଲପୁରରେ ଗୋଁଣ୍ଡ ମହାସଭାର ରାଜ୍ୟ ଶାଖାର ବୈଠକ

ସମ୍ବଲପୁର: ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ରାଜ୍ୟ ଶାଖା ଯୁବ ଓ ଛାତ୍ରଙ୍କୁ ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ମହେନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ଗୋଁଣ୍ଡୱାନା ଛାତ୍ର ସଂଘର ରାଷ୍ଟ୍ରୀୟ ଅଧକ୍ଷ ରାମଜୀତ ଉଇକେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ରାଜ୍ୟରେ ୨୨ ବର୍ଷ ଧରି ଚାଲିଥିବା ନବୀନ ପଟ୍ଟନାୟକ ନେତୃତ୍ୱାଧିନ ବିଜେଡି ସରକାର ଆଦିବାସୀ ମାନଙ୍କ କୌଣସି ହକ ଅଧିକାର କାର୍ଯ୍ୟକାରୀ କରି ନ ଥିବାରୁ ସଭାରେ ଉଦବେଗ ପ୍ରକାଶ ପାଇଥିଲା । ଶିକ୍ଷା କ୍ଷେତ୍ରରେ ଆଦିବାସୀ ଛାତ୍ର ଛାତ୍ରୀ ମାନଙ୍କୁ ଯୋଜନାବଦ୍ଧ ଭାବେ ସମୁଳେ ଧ୍ୱଂସ କରି ଅଳିଆ ଗଦାରେ ଫୋପାଡ଼ି ଦେବା ଆଦିବାସୀ ସମାଜକୁ ଅସ୍ତବ୍ୟସ୍ତ କରି ପକାଉଛି । ୨୦୨୧-୨୨ ଆର୍ଥିକ ବର୍ଷର ଷ୍ଟାଇପେଣ୍ଡ ଅନୁସୁଚିତ ଜାତି ଓ ଜନଜାତିର ଛାତ୍ର ଛାତ୍ରୀ ମାନଙ୍କୁ ଏପର୍ଯ୍ୟନ୍ତ ନମିଳିବା ଦୁର୍ଭାଗ୍ୟ ଜନକ । ସରକାରଙ୍କ ମଧାହ୍ନ ଭୋଜନ କାର୍ଯ୍ୟକ୍ରମରେ ପିଲାମାନଙ୍କୁ ଦେଉଥିବା ଖାଦ୍ୟ ପୁଷ୍ଟିକର ନୁହେଁ ବୋଲି ବିଭିନ୍ନ ଗଣମାଧମରେ ପ୍ରତିଦିନ ପ୍ରକାଶ ପାଉଥିବା ଖବର ଆଦିବାସୀମାନଙ୍କ ମନରେ ପ୍ରତିକୂଳ ପ୍ରଭାବ ପକାଉଛି । ଦେଶ ତଥା ରାଜ୍ୟରେ ଗରିବ ଓ ଧନୀ ମାନଙ୍କ ପାଇଁ ପୃଥକ ପୃଥକ ପାଠଶାଳା ପ୍ରଚଳିତ ଅଛି । ଗାଁ ଗହଳିର ଲୋକମାନଙ୍କ ପାଇଁ ଅଙ୍ଗନବାଡି କେନ୍ଦ୍ରରେ ସରକାରଙ୍କ ତରଫରୁ ଏଣ୍ଡେ ତେଣ୍ଡେ ଖାଦ୍ୟ ଦେଇ ଜେଣତେଣ ଶିକ୍ଷକଙ୍କ ଜରିଆରେ ପାଠଶାଳା ଚଳାଉଛନ୍ତି ଓ ଧନୀ ପିଲାମାନଙ୍କ ପାଇଁ ଦୁଇ ହଜାରରୁ ଦୁଇ ଲକ୍ଷ ଟଙ୍କା କେପିଟେସନ ଫିଜ ଦେଇ ଚକ୍ ଚକ୍ ଗୃହରେ ଇଂରାଜୀ ଶିକ୍ଷା ପ୍ରଦାନ କରୁଥିବା ବେଳେ ଉଭୟ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନର ପିଲାମାନେ ଯୁକ୍ତ ଦୁଇ ପାଶ କଲାପରେ ସେମାନଙ୍କ ନିର୍ଣ୍ଣାୟକ ଦିଗ ଉଚ୍ଚଶିକ୍ଷା ଇଂଜିନିୟରିଂ, ଡାକ୍ତରୀ, ଓକିଲ ଓ ବ୍ୟବସାୟୀକ ଅନୁଷ୍ଠାନରେ ନାମ ଲେଖାଇବାପାଇଁ ଏକକ ପ୍ରଶ୍ନର ଉତ୍ତର ଦେବାକୁ ପଡିଥାଏ । ଏହା ଗାଁ ଗହଳ ଅଙ୍ଗନବାଡିରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ପକ୍ଷେ ଉତ୍ତୀର୍ଣ୍ଣ ସମ୍ଭବ ନୁହେଁ । ଦେଶର ସମ୍ବିଧାନର ନୀତିନିୟମକୁ ମଧ ଉଲଂଘନ କରୁଛି । ରାଜ୍ୟରେ ୨୦୧୧ ଜନଗଣନା ଅନୁଯାୟୀ ୨୩ ପ୍ରତିଶତ ଆଦିବାସୀ ଓ ୧୭ ପ୍ରତିଶତ ଏସ୍ ସି ବସବାସ କରନ୍ତି । କିନ୍ତୁ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ଅନୁଷ୍ଠାନମାନଙ୍କରେ ପଢ଼ିବା ପାଇଁ ୧୨ ପ୍ରତିଶତ ଓ ୮ ପ୍ରତିଶତ ଯଥାକ୍ରମେ ଏସ୍ ଟି ଓ ଏସ୍ ସି ମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଥିବା ବେଳେ ଏମାନଙ୍କ ପାଇଁ ମିଳୁଥିବା ଷ୍ଟାଇପେଣ୍ଡକୁ ନଦେବା ପାଇଁ ସରକାର ଦୁଇ ଲକ୍ଷ ପଚାଶ ହଜାର ଟଙ୍କା ସଂପୃକ୍ତ ଛାତ୍ରଛାତ୍ରୀଙ୍କ ପରିବାର ବର୍ଗର ବାର୍ଷିକ ଆୟ ପ୍ରତିବନ୍ଧକ ସାଜିଛି । କିନ୍ତୁ ଆଦିବାସୀମାନଙ୍କୁ ଆଜନ୍ମ ଅଧିକାର ସମ୍ବିଧାନରେ ଉଲ୍ଲେଖ ରହିଛି । ତେଣୁ ଏହି ପ୍ରତିବନ୍ଧକ ବେଳିୟମ ଅଟେ । ଏହି ବାବଦରେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ମୁଖ୍ୟମନ୍ତ୍ରୀ ଗତ ୨୦୧୫ ମସିହାରେ ରାଜ୍ୟରେ ଏସ୍ ଟି, ଓ ଏସ୍ ସି ମାନଙ୍କ ଆବାଦି ଅନୁସାରେ ଶିକ୍ଷା କ୍ଷେତ୍ରରେ ୪୦ ପ୍ରତିଶତ ସଂରକ୍ଷଣ ରହିବ ବୋଲି ଘୋଷଣା କରିଥିଲେ ମଧ ଆଜି ପର୍ଯ୍ୟନ୍ତ ଲାଗୁ ହୋଇ ନାହିଁ । ମହାସଭା ଏହି ସବୁ ଗୁଡ଼ିକୁ ତର୍ଜମା କରିବା ସହିତ ପୂର୍ବରୁ ପ୍ରଚଳିତ ତଥା ନିଷ୍ପତ୍ତିଗତ ବଡଦେଓ ଅନଲାଇନ ପାଠାଗାର, ପୋଷ୍ୟଶିକ୍ଷାର୍ଥୀ ଯୋଜନା, ମେଧା ସମ୍ମାନ ପ୍ରଦାନ, ବିଭିନ୍ନ ବିଷୟରେ ଆକର୍ଷଣୀୟ ଅନଲାଇନ ପ୍ରତିଯୋଗିତା, ସୁନ୍ଦରଗଡ ଜିଲ୍ଲା ବଡଗାଁ ବ୍ଲକରେ ଥିବା ବଡଦେଓ ଇଂରାଜୀ ମିଡିୟମ ଆବାସିକ ପାଠଶାଳା ଆଦି ଉପରେ ସୂଚାରୁ ପରିଚାଳନା ପାଇଁ ଦୃଢ଼ ପଦକ୍ଷେପ ନେବା ଆଦି ପାଇଁ ରାଜ୍ୟର କେନ୍ଦ୍ରସ୍ଥଳ ରେଢାଖୋଲ ଉପଖଣ୍ଡରେ ତିନି ହଜାର ସଭ୍ୟ ସଭ୍ୟା ଏକ ସାଙ୍ଗରେ ବସି ନିଷ୍ପତ୍ତି ନେବାପାଇଁ ଗୋଁଣ୍ଡୱାନା ରାଜ୍ୟ ସମ୍ବିଧାନ ଭବନ ନିର୍ମାଣ ହେବ । ଏଥିରେ ରାଜ୍ୟର ସମଗ୍ର ଏକ କୋଟି ଆଦିବାସୀ ସହିତ ଅନ୍ୟାନ୍ୟ ଅନଗ୍ରସର ସମାଜକୁ ମଧ ସାମିଲ କରାଯିବ । ଆଦିବାସୀମାନଙ୍କ ହକ ଅଧିକାର ପୂରଣ ହେବା ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଛାତ୍ର ଓ ଯୁବ ସମାଜ ବ୍ୟାପକ ଆନ୍ଦୋଳନ ଜାରୀ ରଖିବବୋଲି ବଜ୍ର ଶପଥ ନେଇଛନ୍ତି । ଆଗାମୀ ୯ ଅଗଷ୍ଟ ବିଶ୍ୱ ଆଦିବାସୀ ଦିବସକୁ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ବହୁ ଆଡମ୍ବରରେ ଜାତୀୟ ସ୍ତରୀୟ ଛତିଶଗଡ଼ର ବିଲାଶପୁର ଠାରେ ପାଳନ କରିବା ପାଇଁ ଭବ୍ୟ ଆୟୋଜନ ହୋଇଛି । ଏହି ସଭାରେ କେନିଆର ରାଷ୍ଟ୍ରପତି ମୁଖ୍ୟ ଅତିଥି ଭାବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଦେଶର ସ୍ୱାଧୀନତା ସଂଗ୍ରାମରେ ଗୋଁଣ୍ଡୱାନା ମହାସଭାର ଶହୀଦ ହୋଇଥିବା ବ୍ୟକ୍ତି ବିଶେଷଙ୍କ ପରିବାରକୁ ସମ୍ମାନିତ କରାଯିବ । ଏହି ଅଧିବେଶନରେ ରାଜ୍ୟ ମହାସଚିବ ପ୍ୟାରୀମୋହନ ନାୟକ, ଜିଲ୍ଲା ସଭାପତି ସନ୍ତୋଷ କୁମାର ଭୋଇ ସମ୍ବଲପୁର, ସଦାଶିବ ନାୟକ ଅନୁଗୁଳ, ଡମ୍ବରୁଧର ନାଏକ ଝାରସୁଗୁଡା, ଭାଗିରଥି ସିଂହ ବରଗଡ଼, ଶ୍ୟାମସୁନ୍ଦର ଭୋଇ ବଲାଙ୍ଗୀର, ମୁକୁନ୍ଦ ପଡିଆମୀ ମାଲକାନଗିରି, ପ୍ରଶନ୍ନ ମାଝୀ ନୂଆପଡା, ଉଗ୍ରେସନ ନାୟକ କେନ୍ଦୁଝର, ରଘୁନାଥ ନାୟକ ମୟୂରଭଞ୍ଜ, କୁଳମଣି ସିଂହ ଢ଼େଙ୍କାନାଳ, ବିରାଜ ଭୋଇ ସୋନପୁର, ମଧୁସୂଦନ ପ୍ରଧାନ ସମ୍ବଲପୁର, ବିଣାପାଣୀ ନାଏକ, ବୁନ୍ଦେଶ୍ୱରୀ ମାଝୀ, ଯୋଗେଶ୍ୱରୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସମ୍ବଲପୁରରେ କମିସନରେଟ୍ ପୁଲିସ୍ ବ୍ୟବସ୍ଥା କେବେ ?

ସମ୍ବଲପୁର : ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁରରେ ମହାନଗର ନିଗମ ଘୋଷଣା ହେବାକୁ ଇତି ମଧ୍ୟରେ ୮ ବର୍ଷ ବିତିଗଲାଣି । କିନ୍ତୁ ପୁଲିସିଂ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇ ପାରି ନାହିଁ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏହି କମିସନରେଟ୍ ବ୍ୟବସ୍ଥା କେବଳ ଘୋଷଣାରେ ହିଁ ଅଟକି ଯାଇଛି । ଏନେଇ ରେଙ୍ଗାଲି ବିଧାୟକ ନାଉରୀ ନାୟକ ବିଧାନସଭାରେ ପ୍ରଶ୍ନ କରିଥିଲେ । ଘୋଷଣା କାର୍ଯ୍ୟକାରୀ ନହେବାର କାରଣ, କେଉଁ କେଉଁ ବାଧା ଓ ପ୍ରତିବନ୍ଧକ ଯୋଗୁଁ କାର୍ଯ୍ୟକାରିତାରେ ବିଳମ୍ବ ହେଉଛି, କେବେସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ ଆଦି ପ୍ରଶ୍ନ ରଖିଥିଲେ । ଏହାର ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା କେବଳ ଏହି ପ୍ରସଙ୍ଗ ଏବେ ବିଚାରାଧୀନ ରହିଥିବା ନେଇ ଉତ୍ତର ରଖିଛନ୍ତି । ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାର ୮ ବର୍ଷ ଯାଏ ରାଜ୍ୟ ସରକାର ଏହି ପ୍ରସଙ୍ଗରେ କ'ଣ ବିଚାର କରୁଛନ୍ତି ସେନେଇ ପ୍ରଶ୍ନବାଚୀ ବି ସୃଷ୍ଟି ହୋଇଛି । ବର୍ଦ୍ଧିତ ଅପରାଧକୁ ଦେଖି ୨୦୧୬ ମସିହାରେ ରାଜ୍ୟ ସରକାର ସମ୍ବଲପୁର ସମେତ ରାଉରକେଲା ଓ ବ୍ରହ୍ମପୁରରେ କମିସନରେଟ୍ ପୁଲିସ୍ ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ଘୋଷଣା କରିଥିଲେ । କିନ୍ତୁ ଉକ୍ତ ଘୋଷଣା ୫ ବର୍ଷ ପରେ ବି ଶୀତଳଭଣ୍ଡାରରେ ପଡ଼ି ରହିଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସମ୍ବଲପୁରରେ ହେବାକୁ ଥିବା କମିସନରେଟ୍ ପୁଲିସ୍ ବ୍ୟବସ୍ଥାର ଆଇପିଏସ୍ ପଦବି ପୂରଣ ନେଇ କେନ୍ଦ୍ର ସରକାର ମଧ ମଞ୍ଜୁରୀ ଦେବା ପ୍ରସଙ୍ଗକୁ ଇତି ମଧରେ ୨ ବର୍ଷ ପୂରିବାକୁ ଯାଉଛି । ହେଲେ ସମ୍ବଲପୁରରେ କମିସନରେଟ୍ ପୁଲିସ୍ ବ୍ୟବସ୍ଥା ଅଦ୍ୟାବଧି ଆରମ୍ଭ ହୋଇ ପାରିଲାନି । ବର୍ତ୍ତମାନ ସମ୍ବଲପୁର ଭଳି ସହରରେ ଦ୍ୱୈତ ଶାସନ ବ୍ୟବସ୍ଥା ପ୍ରଚଳିତ ଥିବା ବେଳେ ଅନେକ ପ୍ରସଙ୍ଗରେ ପୁଲିସ୍ କୌଣସି ପଦକ୍ଷେପ ନେବାକୁ ହେଲେ ଜିଲ୍ଲାପାଳ ତଥା ଉପ ଜିଲ୍ଲାପାଳ କିମ୍ବା ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କଠାରୁ ଅନୁମତି ନେବାକୁ ପଡ଼ିଥାଏ । ମାତ୍ର କମିସନରେଟ୍ ପୁଲିସ୍ ବ୍ୟବସ୍ଥାରେ ପୁଲିସ୍ କମିସନର (ଡିଆଇଜି ବା ତଦୁର୍ଦ୍ଧ ର୍ୟାଙ୍କର ଅଧିକାରୀ) ଙ୍କ ହାତରେ ହିଁ ସମଗ୍ର ବ୍ୟବସ୍ଥାର ଦାୟିତ୍ୱ ନ୍ୟସ୍ତ ଥାଏ । ଯଦ୍ଦ୍ୱାରା ପୁଲିସିଂ ବ୍ୟବସ୍ଥାରେ ଉନ୍ନତି ଆସିବା ସହ ଲୋକେ ପୁଲିସ୍ ନିକଟରେ ପହଞ୍ଚିବା ସହଜ ହୋଇଥାଏ । ପୁଲିସ୍ ମଧ କୌଣସି ପଦକ୍ଷେପ ନେବାରେ ସ୍ୱାଧୀନତା ପାଇଥାଏ । ସମ୍ବଲପୁରର ଚିତ୍ରକୁ ଆଖି ଆଗରେ ରଖିଲେ ଗତ ୨ ବର୍ଷରେ ଜଣେ ହେଲେ ବି ଅପରାଧୀଙ୍କୁ ପୁଲିସ୍ ଜାତୀୟ ସୁରକ୍ଷା ଆଇନ( ଏନ୍ଏସ୍ଏ) ଅନ୍ତର୍ଭୁକ୍ତ କରିବାରେ ସଫଳ ହୋଇ ପାରିନାହିଁ । ଯାହାର ପ୍ରମୁଖ କାରଣ ହେଉଛି ଜିଲ୍ଲା ପ୍ରଶାସନ ଓ ପୁଲିସ୍ ପ୍ରଶାସନ ମଧରେ ବଢ଼ି ଚାଲିଥିବା ଦୂରତା । ମାତ୍ର କମିସନରେଟ୍ ପୁଲିସ୍ ବ୍ୟବସ୍ଥାରେ ଏଭଳି ପଦକ୍ଷେପ ନେବା ପୁଲିସ୍ ପାଇଁ ବି ସହଜ ହୋଇଥାଏ । କେବଳ ଏହି ଗୋଟିଏ ପ୍ରସଙ୍ଗ ନୁହେଁ ବରଂ ସମ୍ବଲପୁରରେ ବର୍ଦ୍ଧିତ ଅପରାଧର ମାତ୍ରା, ବର୍ଦ୍ଧିତ ଜନସଂଖ୍ୟା ସାଙ୍ଗକୁ ଲୋକଙ୍କଠାରୁ ଆସ୍ଥା ହରାଉଥିବା ପୋ-ପୁଲିସିଂ ବ୍ୟବସ୍ଥାର ଚିତ୍ରରେ ପରିବର୍ତ୍ତନ ପାଇଁ ମଧ କମିସନରେଟ୍ ପୁଲିସ୍ ବ୍ୟବସ୍ଥା ଲାଗୁ ହେବା ଜରୁରୀ ହୋଇ ପଡ଼ିଥିବା ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି । ସେପଟେ, ସମ୍ବଲପୁର ସହର ଦେଇ ବ୍ୟସ୍ତବହୁଳ ୫୩ ନଂ, ୫୫ ନଂ ଜାତୀୟ ରାଜପଥ ଯାଇଥିବା ବେଳେ ପୁରୁଣା ରାଞ୍ଚି ରୋଡ, ବିଜୁ ଏକ୍ସପ୍ରେସ୍ ୱେ ଓ ୧୫ ନଂ ରାଜ୍ୟ ରାଜପଥ ବି ସହର ସହିତ ଜଡ଼ିତ । କିନ୍ତୁ ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥା ଯୋଗୁଁ ସହରରେ ନିତିଦିନ ଦୁର୍ଘଟଣା ଘଟି ଲୋକଙ୍କ ଧନଜୀବନ ହାନି ହେଉଛି । ଏଭଳି ସ୍ଥିତିରେ କମିସନରେଟ୍ ପୁଲିସ୍ ବ୍ୟବସ୍ଥା ଲାଗୁ ହେଲେ ସ୍ଥିତିରେ କିଛିଟା ସୁଧାର ଆସିପାରେ ବୋଲି କୁହାଯାଉଛି ।

୨୦୧୬ ମସିହାରେ ସମ୍ବଲପୁରରେ କମିସନରେଟ୍ ପୁଲିସ୍ ବ୍ୟବସ୍ଥା ଆରମ୍ଭ କରିବା ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ । ୨୦୧୭ ମସିହାରେ ଖୋଦ୍ ମୁଖ୍ୟମନ୍ତ୍ରୀ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଏସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ରାଜ୍ୟ ସରକାର ନିଷ୍ପତ୍ତି ଅନୁସାରେ, କମିସନରେଟ୍ ପୁଲିସ୍ ବ୍ୟବସ୍ଥା ପାଇଁ ଆବଶ୍ୟକୀୟ ପଦ ମଞ୍ଜୁରି ନେଇ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ । ତେବେ ୨୦୨୦ ଜାନୁଆରି ୫ ତାରିଖରେ କେନ୍ଦ୍ର ସରକାର ମଧ ଏହି ପ୍ରସ୍ତାବକୁ ଅନୁମୋଦନ ଦେବା ସହ ପଦବି ମଞ୍ଜୁର କରିଥିଲେ । ମାତ୍ର କେନ୍ଦ୍ରର ମଞ୍ଜୁରିକୁ ଇତି ମଧରେ ୨ ବର୍ଷ ପୂରିଲାଣି । ହେଲେ କମିସନରେଟ୍ ପୁଲିସ୍ ବ୍ୟବସ୍ଥା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ପାଦେ ବି ଆଗେଇ ପାରିନି ।

## ଝାରସୁଗୁଡ଼ା ଡିଏଭି ଦ୍ୱାଦଶ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସଫଳତା

ଝାରସୁଗୁଡ଼ା: ସିବିଏସଇ ବୋର୍ଡଦ୍ୱାରା ପରିଚାଳିତ ଦ୍ୱାଦଶ ଓ ଦଶମ ବୋର୍ଡ ପରୀକ୍ଷା ଫଳ ପ୍ରଥମ ଥର ସମାନ ଦିବସରେ ପ୍ରକାଶିତ ହୋଇଯାଇଛି । ଝାରସୁଗୁଡ଼ା ଡିଏଭିକୁ ପ୍ରତିବର୍ଷ ପରି ଏ ବର୍ଷ ମଧ ଶତପ୍ରତିଶତ ଉଲ୍ଲେଖନୀୟ ସଫଳତା ମିଳିଛି । ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ୯୭ ଜଣ, ବାଣିଜ୍ୟରେ ୪୯ ଜଣ ଓ ହ୍ୟୁମାନିଟିଜରେ ୧ ଜଣ କରି ସର୍ବମୋଟ ୧୪୭ ଜଣ ପରୀକ୍ଷା ଦେଇଥିଲେ ଯହିଁରୁ ୩୯ ଜଣ ୯୦ ପ୍ରତିଶତରୁ ଅଧିକ, ୩୮ ଜଣ ଛାତ୍ରଛାତ୍ରୀ ୮୦ ରୁ ୯୦ ପ୍ରତିଶତ ମଧରେ ନମ୍ବର ପ୍ରାପ୍ତ ହୋଇଛନ୍ତି । ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ଟପ୍ପର ଅର୍ଚ୍ଚନା ନାଏକ ୯୭.୮ ପ୍ରତିଶତ, କିଶନ ସିଂ ୯୭.୬, ବଂଶୀକା ସାକୁନିଆ ୯୭.୨, କନିଷ୍କା ସାକୁନିଆ ୯୬.୬, ମୁସ୍କାନ ବଜାଜ ୯୬.୨, ଅନିଷ ମୋର ୯୬ ଓ ସାନିୟା ଗାନ୍ଧି ୯୫.୬ ପ୍ରତିଶତ ଏବଂ ବାଣିଜ୍ୟରେ ଦୀପିକା ରାନୀ ୯୬.୮, ରିମଝିମ କୁମାରୀ ୯୬.୬, ଅନିଶା ସା ୯୫.୪, ଆଲତମାଶ ଆବେଦିଆ ୯୪.୪ ଓ ମେହକ ଶର୍ମା ୯୩.୨ ପ୍ରତିଶତ ନମ୍ବର ହାସଲ କରିଛନ୍ତି । ତଦ୍ରୂପ ଦଶମ ବୋର୍ଡରେ ମୋଟ ୨୧୩ ଜଣ ପରୀକ୍ଷା ଦେଇଥିଲେ ଓ ତନ୍ମଧ୍ୟରୁ ୩୮ ଜଣ ୯୦ ପ୍ରତିଶତରୁ ଅଧିକ, ୫୬ ଜଣ ଛାତ୍ରଛାତ୍ରୀ ୮୦ ରୁ ୯୦ ପ୍ରତିଶତ ମଧରେ ନମ୍ବର ପ୍ରାପ୍ତ ହୋଇଛନ୍ତି । ନିହାରିକା ମହାନ୍ତି ୯୮, ଆନନ୍ଦ ଅତୁଲ ପଚପୋଲ ୯୭.୨, ଆଦିତ୍ୟ କୁମାର ଝା ଓ ପ୍ରତ୍ୟୁଷ ଗୁଲୱାଡ଼ି ଯୁଗ୍ମ ଭାବରେ ୯୬ ଓ ଅଞ୍ଜଳି ପ୍ରିୟା ୯୫.୮ ପ୍ରତିଶତ ରଖିଛନ୍ତି । ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀମାନଙ୍କ ଅପୂର୍ବ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି ।

# ଭାଗବତ

## ଭିକ୍ଷୁ-ଗୀତା

ଏହାପରେ ଭଗବାନ୍ ଉଦ୍ଧବଙ୍କୁ ଭିକ୍ଷୁ-ଗୀତାର ଉପଦେଶ ଦେଇଛନ୍ତି । ସୁଖ ଆଉ ଦୁଃଖ ହେଉଛି ମନର କଳ୍ପନା । ନିଦ୍ରା ସମୟରେ ମନର ସ୍ଥିତି ଯେପରି ଥାଏ ଯଦି ଜାଗ୍ରତ ସମୟରେ ସେହିଭଳି ସ୍ଥିତିରେ ମଣିଷ ରହେ ତେବେ ତାର ମୁକ୍ତି ହୋଇଯାଏ । ଲୋକମାନେ ଭିକ୍ଷୁକୁ ନିନ୍ଦା କରନ୍ତି । ହେଲେ ଭିକ୍ଷୁର ମନରେ ଏହାର କୌଣସି ପ୍ରଭାବ ପଡ଼େ ନାହିଁ । ଭିକ୍ଷୁ କହେ- ଧନ ରୋଜଗାର କରିବାରେ, ରୋଜଗାର କରିବା ପରେ ତାହାକୁ ବୃଦ୍ଧି କରିବାରେ, ରଖିବାରେ ଏବଂ ଖର୍ଚ୍ଚ କରିବାରେ ତଥା ଏହାର ନାଶ ଓ ଉପଭୋଗ କରିବାରେ- ପ୍ରତ୍ୟେକଥିରେ ନିରନ୍ତର ପରିଶ୍ରମ, ଭୟ, ଚିନ୍ତା ଓ ଭ୍ରମର ସମ୍ମୁଖୀନ ହେବାକୁ ପଡ଼େ ।

ଚୋରି, ହିଂସା, ମିଥ୍ୟାଭାଷଣ, ଦମ୍ଭ, କାମ, କ୍ରୋଧ, ଗର୍ବ, ଅହଙ୍କାର, ଭେଦବୁଦ୍ଧି, ବୈର, ଅବିଶ୍ୱାସ, ସ୍ପର୍ଦ୍ଧା, ଲମ୍ପଟତା, ଜୁଆ ଓ ମଦ୍ୟ- ଧନ ଯୋଗୁ ହିଁ ଅଥବା ଅର୍ଥ ଯୋଗୁ ହିଁ ଏହି ପନ୍ଦର ଅନର୍ଥ ହୋଇଥାଏ । ଅର୍ଥ ହିଁ ଏ ସମସ୍ତ ଅନର୍ଥର କାରଣ ହୋଇଥାଏ । ଏଗୁଡ଼ିକ ଅର୍ଥ ନାମଧାରୀ ଅନର୍ଥ ରୂପେ ପରିଚିତ । ଯେଉଁ ପୁରୁଷ ଏହି ଅନର୍ଥ ସମୁଦାୟକୁ ଦୂରରୁ ଜୁହାର କରୁଥାଏ ସେ ହିଁ ନିଜର ବାସ୍ତବିକ୍ କଲ୍ୟାଣ କରିପାରିଥାଏ । କାରଣ ଏହି ଅନର୍ଥଗୁଡ଼ିକ ସ୍ୱାର୍ଥ ଏବଂ ପରମାର୍ଥ ବିରୋଧୀ ।

ଏହା ହେଉଛି ଉଜ୍ଜୟିନୀର ସେହି କୃପଣ ଧନୀ ବ୍ରାହ୍ମଣର ନିଜସ୍ୱ ଅନୁଭୂତି । ବ୍ରାହ୍ମଣ ପ୍ରାରବ୍ଧ ବଳରେ ବିପୁଳ ସମ୍ପତ୍ତିର ଅଧିକାରୀ ହୋଇଥିଲା । କିନ୍ତୁ ସେ ଥିଲା ଜନ୍ମରୁ କୃପଣ । ନିଜ ପାଇଁ କି ପରିବାର ସ୍ତ୍ରୀ ପୁତ୍ର କନ୍ୟା ତଥା ବନ୍ଧୁଙ୍କ ନିମନ୍ତେ ଅଧଲାଟିଏ ବି ଖର୍ଚ୍ଚ କରୁ ନ ଥିଲା । ତେଣୁ ସେମାନେ କୃପଣ ବ୍ରାହ୍ମଣର ଅନିଷ୍ଟ ଚିନ୍ତନ କରିବାରେ ସର୍ବଦା ଲାଗିଥିଲେ । ଦେବ କାର୍ଯ୍ୟରେ ମଧ ପଇସାଟିଏ ଖର୍ଚ୍ଚ କରୁ ନ ଥିବାରୁ ପଞ୍ଚମହାଯଜ୍ଞର ଭାଗୀ ଦେବତାମାନେ ରୁଷ୍ଟ ହୋଇ ଯାଇଥିଲେ । ପ୍ରାରବ୍ଧ ଯେ ପର୍ଯ୍ୟନ୍ତ ବଳବାନ ଥିଲା ଧନ ପାଖରେ ରହି ପାରିଥିଲା । କିନ୍ତୁ ପରବର୍ତ୍ତୀ କାଳରେ ତାର ଆଖି ଆଗରେ ଏତେ ପରିଶ୍ରମ, ଏତେ ଚିନ୍ତାରେ ସଂଗ୍ରହ କରିଥିବା ଧନ ଦ୍ରୁତ ବେଗରେ ପଳାଇଯିବାରେ ଲାଗିଲା । ଚୋର ଧନ ଲୁଣ୍ଠନ କଲେ । ଭାଇ,



ପୁଅ ଓ ବନ୍ଧୁମାନେ କେତେ କେତେ ଛଡ଼ାଇ ନେଲେ । ନଷ୍ଟଭ୍ରଷ୍ଟ ହୋଇ ଯାଇଥିବା ଧନ କଥା ଚିନ୍ତା କରି କରି କୃପଣ ବ୍ୟାକୁଳ କ୍ରନ୍ଦନ କରିବାରେ ଲାଗିଲା । କ୍ରମଶଃ ଏହି କୃପଣ-ବ୍ରାହ୍ମଣର ମନରେ ସଂସାର ପ୍ରତି ମହାନ୍ ଦୁଃଖବୃଦ୍ଧି ଓ ଉତ୍କଟ ବୈରାଗ୍ୟ ଉଦୟ ହେଲା ।

କୃପଣ ବ୍ରାହ୍ମଣ ଧୀରେ ଧୀରେ ଉପରୋକ୍ତ ପରମାର୍ଥ ବାକ୍ୟ ହୃଦୟଙ୍ଗମ କଲା । ସାମାନ୍ୟ ମାତ୍ର ଅର୍ଥ କିପରି ମହାନ୍ ମହାନ୍ ଅନର୍ଥର କାରଣ ହୋଇ ସର୍ବନାଶ କରେ ତାହା ହୃଦୟଙ୍ଗମ କଲା ।

ମଣିଷ ଶରୀର ମୋକ୍ଷ ଓ ସ୍ୱର୍ଗର ଦ୍ୱାର ସଦୃଶ । ମୂର୍ଖମାନେ ଅର୍ଥ ନାମରେ ଅନର୍ଥ ମଧ୍ୟରେ ପ୍ରବେଶ କରି ନିଜର ସର୍ବନାଶ କରିଥାନ୍ତି ।

କୃପଣ ବ୍ରାହ୍ମଣର ବୃଦ୍ଧି ଉଦୟ ହେଲା । ସେ ଏକାକୀ ଅବଧୂତଙ୍କ ଭଳି ଭ୍ରମଣ କରିବାରେ ଲାଗିଲା । ଏଥର ଭଗବାନଙ୍କର ସେ କୃପାଧାକାରୀ ହୋଇଗଲା । ସେ ଅନୁଭବ କଲା, ତାହାର ଦୁଃଖର କାରଣ କେହି ମନୁଷ୍ୟ ନୁହନ୍ତି, କୌଣସି ଦେବତା ନୁହନ୍ତି, ତା ଶରୀର ନୁହେଁ ବା ଗ୍ରହ ନୁହନ୍ତି । ତା' ନିଜ ମନ ହିଁ ଏ ସମସ୍ତ ବିପର୍ଯ୍ୟୟ ଓ ଅଭ୍ୟୁଦୟର ପରମ କାରଣ । ମନ ହିଁ ଏହି ସମସ୍ତ ସଂସାର ଚକ୍ର ଚାଳିତ କରିଥାଏ । ବ୍ରାହ୍ମଣ କ୍ରମେ ପ୍ରକୃତ ଅବଧୂତ ହୋଇଗଲା । ବ୍ରାହ୍ମଣ ବିରକ୍ତ ସନ୍ୟାସୀ ହୋଇଗଲା । ତା'ର ସମସ୍ତ କ୍ଲେଶ ଦୂର ହୋଇଗଲା ।

ଏହାପରେ ଭଗବାନ ପୁରୁରବା ଓ ଉର୍ବଶୀଙ୍କ ଦୃଷ୍ଟାନ୍ତ ଉଦ୍ଧବଙ୍କୁ ଶୁଣାଇ ସଚେତନ କରିଦେଇଛନ୍ତି ଯେ ସ୍ତ୍ରୀର ସତତ ସଙ୍ଗଦ୍ୱାରା ପୁରୁଷ କି ପ୍ରକାର ଦୁର୍ଦ୍ଦଶା ଭୋଗ କରେ । ଦୁଷ୍ଟର ସଙ୍ଗତି ମନୁଷ୍ୟଙ୍କର ଅଧୋଗତି କରାଏ । ସଜନଙ୍କ ସଙ୍ଗତି ଉର୍ଦ୍ଧ୍ୱଗତି କରାଏ । ଈଶ୍ୱର ଯେ ପର୍ଯ୍ୟନ୍ତ କୃପା କରି ନଥାନ୍ତି ସେ ପର୍ଯ୍ୟନ୍ତ ସଙ୍ଗ ମିଳିପାରି ନଥାଏ । କିନ୍ତୁ କୁସଙ୍ଗ ମଣିଷ ନିଜ ଇଚ୍ଛାରେ ପାଇପାରେ । ଭଗବାନ ହେଉଛନ୍ତି ଅନନ୍ତ, ଅଚିନ୍ତ୍ୟ, କଲ୍ୟାଣମୟ ଗୁଣପୁଞ୍ଜ ଆଶ୍ରୟ । ଭଗବାନଙ୍କର ସ୍ୱରୂପ ହେଉଛି କେବଳ ଆନନ୍ଦ, କେବଳ ଅନୁଭବ, ବିଶୁଦ୍ଧ ଆତ୍ମା । ଭଗବାନ ହେଉଛନ୍ତି ପରଂବ୍ରହ୍ମ । ଭଗବାନଙ୍କର ଭକ୍ତି ଯାହାଙ୍କୁ ମିଳିଥାଏ ତାଙ୍କୁ ସନ୍ଥ କୁହନ୍ତି । ସନ୍ଥ ପୁରୁଷଙ୍କର ଯିଏ ଶରଣ ଗ୍ରହଣ କରିଥାଏ, ସେପରି ଲୋକର କର୍ମ-ଜଡ଼ତା, ସଂସାରଭୟ ଓ ଅଜ୍ଞାନ ସର୍ବଥା ନିବୃତ୍ତ ହୋଇଯାଏ । ଯେପରି - ଅଗ୍ନିର ଆଶ୍ରୟ ନେଲେ ଶୀତ ରହେନାହିଁ କି ଅନ୍ଧକାର ରହେ ନାହିଁ । ନୌକାର ଆଶ୍ରୟ ନେଲେ ସଂସାର ସାଗରରେ ସହଜରେ ବୁଡ଼ି ମରିବାକୁ ପଡ଼େ ନାହିଁ । ଅନ୍ନ ଦ୍ୱାରା ପ୍ରାଣୀର ପ୍ରାଣ ରକ୍ଷା ପାଇଯାଏ ।

# ଜୀବନର ଲୟ ସାଧିବା ଦ୍ୱାରା ଧାନ ଲାଗିଥାଏ

ଆମ ଜୀବନରେ ଧାନର ଏକ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରକୃତି ସହିତ ଓ ଆମର ଆଖପାଖର ପରିବେଶ ସହିତ ଏକ ଲୟ ସ୍ଥାପନ କରିବା, ତା ସହିତ ଏକ ତାଳ ସ୍ଥାପନ କରିବା । ପ୍ରକୃତିରେ ଆମ ଆଖପାଖରେ ଯାହା କିଛି ବି ଅଛି ଯେପରି ଜଳବାୟୁ, ଔଷଧି, ବନସ୍ପତି, ପୃଥିବୀ, ଆକାଶ ଆଦି ରହିଛି, ସେଗୁଡ଼ିକ ସହିତ ଏକ ସନ୍ତୁଳନ, ଏକ ସଙ୍ଗୀତ, ଏକ ସମରସତା, ଏକ ସମସ୍ୱରତା ସ୍ଥାପନ କରିବା ଧାନର ଏକ ଲକ୍ଷ୍ୟ । ଯଦି ଆମେ ଧାନରେ ଦେଖିବା ତ ଆମ ନିଜ ଜୀବନରେ ଏକ ଲୟ ଅଛି ଏବଂ ସେହି ଲୟ ନ ରହିଲେ ଜୀବନରେ ସୌନ୍ଦର୍ଯ୍ୟ ପରିସ୍ଫୁଟ ହୁଏ ନାହିଁ, ଜୀବନରେ ଏକ ପ୍ରକାର ଖୁସିର ଆଗମନ ହୁଏ ନାହିଁ, ଯଦ୍ଦ୍ୱାରା ଜୀବନ ଅପୂର୍ଣ୍ଣ ମନେହୁଏ । ଏହି ଲୟକୁ ଜୀବନର ସ୍ୱଭାବ ବି କହି ପାରନ୍ତି । ଏହାକୁ ଆମେ ନିଜ ଜୀବନର ପ୍ରକୃତି ବି କହି ପାରିବା । ଜୀବନଯାପନର ଏକ ପ୍ରକୃତି ଅଛି, ଏକ ଶୈଳୀ ଅଛି । ଯଦି ଜୀବନର ସେହି ଶୈଳୀ, ସେହି ପ୍ରକୃତି ବା ଜୀବନଯାପନର ସେହି ଶୈଳୀ ବିଗିଡି ଯାଏ ତ ଜୀବନରେ ବିକୃତି ଆସିଯାଏ । ଜୀବନଶୈଳୀ ବିଗିଡି ଗଲେ ଶୋକର ଆଗମନ ହୁଏ । ଯେପରି ସଙ୍ଗୀତରେ ଧ୍ୱନିରେ ଯେତେବେଳେ ଲୟର ସ୍ଥାପନ ହୋଇଥାଏ ତ ସେଥିରୁ ସ୍ୱର ବାହାରିବାକୁ ସଙ୍ଗୀତ ସୁମଧୁର ହୋଇଥାଏ ଏବଂ ସେତେବେଳେ ସେଥିରେ ଏକ ସୁନ୍ଦରତା ଆସିଥାଏ ।

ଯଦି ସ୍ୱରଲିପି ଥାଏ ଓ ସେଥିରେ ଏକ ତାରତମ୍ୟ ରହେ, ପରସ୍ପର ମଧ୍ୟରେ ଏକ ସମରସତା ରହେ । ତ ଯେଉଁ ସଙ୍ଗୀତ ବାହାରି ଥାଏ, ତାହା ଶୁଣିବା ଯୋଗ୍ୟ ହୋଇଥାଏ ଏବଂ ତାହା ବଡ଼ ଆନନ୍ଦଦାୟକ ହୋଇଥାଏ । ଯଦି ସେହି ଲୟ ବିଗିଡି ଯାଏ ତେବେ ତାହା କୋଳାହଳ ପ୍ରତୀତ ହୋଇଥାଏ । ଯଦି ହାରମୋନିୟମର କେହି ଏଣୁ ତେଣୁ କିଛି ବଜାଏ, ଢ଼ୋଲକୁ ମନଇଚ୍ଛା ପିଟେ ଏବଂ ସେଥିରେ କୌଣସି ଲୟ ନ ରହେ, କୌଣସି ଲିପି ନ ରହେ ତେବେ ତାହା ବିଚିତ୍ର ପ୍ରକାର ସ୍ୱର ହୋଇଯାଏ । ତାହାକୁ ଶୁଣିବା ବିଚିତ୍ର ଲାଗିଥାଏ । ଧ୍ୱନୀ ବିକୃତିକୁ କୋଳାହଳ କୁହାଯାଏ । ତାହା ଧ୍ୱନୀ ପ୍ରଦୂଷଣ ବି ଅଟେ, କିନ୍ତୁ ସେହି ଧ୍ୱନୀ ଯଦି ଲୟବଦ୍ଧ ହୋଇଯାଏ ତ ସଙ୍ଗୀତରେ ପରିଣତ ହୋଇଯାଏ । ଶବ୍ଦଗୁଡ଼ିକରେ ଯଦି ଲୟ ସ୍ଥାପିତ ହୋଇଯାଏ ତେବେ ତାହା କାବ୍ୟ ବା ସଙ୍ଗୀତ ହୋଇଯାଏ ଏବଂ ଯଦି ସେଥିରେ ଲୟ ବିଗିଡି ଯାଏ ତେବେ ତାହା କିଛି ବିଚିତ୍ର ପ୍ରକାର ଅନର୍ଗଳ ପ୍ରଳାପ ହୋଇଯାଏ ।

ଆମ ଜୀବନରେ ବି ଠିକ୍ ଏହିପରି ହୋଇଥାଏ । ଯେପରି ସ୍ୱରଗୁଡ଼ିକ ତାଳବଦ୍ଧ ହୋଇଗଲେ ତାହା ସଙ୍ଗୀତ ହୋଇଥାଏ ଏବଂ ସେହି ସ୍ୱରଗୁଡ଼ିକ ବେତାଳ ହୋଇଗଲେ କୋଳାହଳ ହୋଇଯାଏ, ଠିକ୍ ସେହିପରି ମନୁଷ୍ୟ ଜୀବନରେ ମଧ ଭିନ୍ନ ଭିନ୍ନ ତାଳ ରହିଛି, ଭିନ୍ନ ଭିନ୍ନ ସ୍ତର ରହିଛି । ଆମର ବି ଭିନ୍ନ ଭିନ୍ନ ପ୍ରକାର ପ୍ରକୃତି ଅଛି । ଯେପରି ଗୋଟିଏ ହେଉଛି ଆମର ଜୈବିକ ପ୍ରକୃତି, ଆମର ବାୟୋଲୋଜିକାଲ ନେଚର । ଏଥିରେ ଆମ ଜୀବନର ବିଭିନ୍ନ କ୍ରିୟା ଚାଲିଥାଏ, ଆମର ଫିଜିଓଲୋଜି, ଜୈବିକ ପ୍ରକୃତିର ଲୟ କାରଣରୁ ଚାଲିଥାଏ ।

ଯେପରି ଆମର ପଲସ ଚାଲିଛି ତ ପଲସର ନିଜସ୍ୱ ଗତି ରହିଛି । ପଲସ ତୀବ୍ର ହୋଇଗଲେ ସମସ୍ୟା ଓ ପଲସ ଧିମା ହୋଇଗଲେ ବି ସମସ୍ୟା ଉପୁଜିଥାଏ । ତାହାର ନିଜସ୍ୱ ଏକ ଗତି ରହିଛି, ଏକ ଲୟ ରହିଛି, ଏକ ତାଳ ରହିଛି । ମେଟାବଲିଜମର ନିଜସ୍ୱ ଏକ ତାଳ ଅଛି, ଏକ ଲୟ ଅଛି, ତାହା ନିଜର ଏକ ଗତିରେ ଚାଲିଛି । ମେଟାବଲିଜିମ ଅଧିକ ହୋଇଗଲେ ଅସୁବିଧା, କମ୍ ହୋଇଗଲେ ବି ଅସୁବିଧା ହୋଇଥାଏ । ଶରୀରର ଉତ୍ତାପର ମଧ ଏକ ନିଜସ୍ୱ ଲୟ ଅଛି, ଏକ ତାଳ ଅଛି । ଏହା ଅଧିକ ହୋଇଗଲେ ଜ୍ୱର ଆସିଯାଏ, କମ୍ ହୋଇଗଲେ ହାଇପୋଥର୍ମିଆ ହୋଇଯାଏ । ରକ୍ତଚାପର ବି ଏକ ନିଜସ୍ୱ ଲୟ ଅଛି, ତାହା ବଢ଼ିଗଲେ ଉଚ୍ଚ ରକ୍ତଚାପ ଓ କମିଗଲେ ନିମ୍ନ ରକ୍ତଚାପ ହୋଇଯିବ ।

ଏସବୁ ମଧ୍ୟରେ ନିଜସ୍ୱ ଏକ ଲୟ, ଏକ ତାଳ ଅଛି । ଏହି ଲୟ ସ୍ଥିର ରହିଲେ ବ୍ୟକ୍ତି ସୁସ୍ଥ ରହିଥାଏ ଏବଂ ଏହି ଲୟ ବିଗିଡ଼ି ଗଲେ, ତାଳ ବିଗିଡିଗଲେ ଆମ ଜୀବନର ତାଳ, ଲୟବି ବିଗିଡିଯାଏ ଏବଂ ଆମେ ଏହି କାରଣରୁ ରୋଗରେ ପଡିଯାଉ ।

ଜୀବନକୁ ଯଦି ଆମେ ଗଭୀର ଭାବରେ ଦେଖିବା ତ ଏହାର ଏକ ସ୍ଥୁଳତଳ ଅଛି ଓ ତା ପଛରେ ଏକ ସୂକ୍ଷ୍ମତଳ ଅଛି । ସୂକ୍ଷ୍ମତଳ, ସ୍ଥୁଳ ପରି ଦେଖାଯାଏ ନାହିଁ କିନ୍ତୁ ତା ପଛରେ ଆହୁରି ଏକ ତଳ ଅଛି ଯାହା ପ୍ରାଣର ତଳ ଅଟେ, ଯେଉଁଠି ପ୍ରାଣଗୁଡ଼ିକର ନିଜର ଲୟ ଅଛି, ସଙ୍ଗୀତ ଅଛି, ଏକ ଲୟବଦ୍ଧତା ଅଛି । ଏସବୁ ପରସ୍ପର ଗୁନ୍ଥି ହୋଇ ରହିଛି । ଆମ ସ୍ଥୁଳ ଶରୀରର ଲୟ, ଶରୀରର ସମସ୍ୱରତା ଭିତରର ସୂକ୍ଷ୍ମତଳ ସହିତ ଯୋଡି ହୋଇଛି, ମନ ସହିତ ଯୋଡି ହୋଇଛି ଓ ମନର ତଳର ସଙ୍ଗୀତ ପ୍ରାଣ ସହିତ ଯୋଡି ହୋଇଛି ଏବଂ ପ୍ରାଣର ଯେଉଁ ସ୍ୱର ଅଛି, ତାହା ସହିତ ଜୀବନର ସ୍ୱର ବି ଗୁନ୍ଥା ହୋଇଛି ।

ଆକ୍ୟୁପ୍ରେସର ଅନୁସାରେ ଆମ ଶରୀରରେ ୧୦୮ ଟି ପ୍ରାଣ କେନ୍ଦ୍ର ଅଛି । ଏହି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ଗୋଟିଏରୁ ଆଉ ଗୋଟିଏକୁ ପ୍ରାଣ ପ୍ରବାହିତ ହୋଇଥାଏ । ଯଦି ଏହି ପ୍ରାଣ ପ୍ରବାହ ମନ୍ଦ ପଡିଯାଏ, ଯଦି ଏହା ମଧ୍ୟରେ ଗତିରୋଧ ଆସିଯାଏ ତ ସମସ୍ୟା ଉପୁଜି ଥାଏ । ଯେପରି ପ୍ରବାହିତ ନାଳରେ କେଉଁଠି ଅବରୋଧ ଥିଲେ ତା ଭିତରେ କେତେ ପ୍ରକାର ସମସ୍ୟା ଉତ୍ପନ୍ନ ହୋଇଥାଏ । ଏହି ପ୍ରକାର ପ୍ରାଣ ପ୍ରବାହ ବି ନିଜର କାର୍ଯ୍ୟ କରିଥାଏ । ଆକ୍ୟୁପ୍ରେସରରେ ବି କୁହାଯାଏ ଯେ ଗୋଟିଏ ପ୍ରାଣ କେନ୍ଦ୍ର ଭିତରେ ଯଦି ପ୍ରାଣ ପ୍ରବାହ ମନ୍ଦ ହୋଇଯାଏ, ଅବରୁଦ୍ଧ ହୋଇଯାଏ ତ ଅନ୍ୟ ସବୁକୁ ତାହା ପ୍ରଭାବିତ କରିଥାଏ । ସେଥିପାଇଁ ଯେଉଁମାନେ ଆକ୍ୟୁପ୍ରେସର, ଆକ୍ୟୁପଙ୍କଚର କରାନ୍ତି, ସେମାନେ ପ୍ରଥମେ ପ୍ରାଣ ପ୍ରବାହକୁ ଚିହ୍ନିତ କରନ୍ତି । ସେଠାରେ କିଛି ଚାପ ଦିଅନ୍ତି, କିଛି କ୍ରିୟା କରନ୍ତି, ଯଦ୍ଦ୍ୱାରା ସେଠାରେ ଥିବା ପ୍ରାଣ ପରିପଥର ପ୍ରଭାବ ପୁଣି ସୁଚାରୁ ରୂପେ ଚାଲୁ ହୋଇଯିବ ।

ଏହି ପ୍ରାଣରେ ଆଉ ଏକ ସୂକ୍ଷ୍ମତତ୍ତ୍ୱ ଗୋଳି ହୋଇ ରହିଛି ଏବଂ ତାହା ହେଉଛି ଆମର ମନ, ଆମର ବିଚାର, ଆମର କଳ୍ପନା ଓ ଆମର ଭାବନା । ଯଦି ସେଥିରେ କୌଣସି ବିକ୍ଷୋଭ ହୋଇଯାଏ, କୌଣସି ସମସ୍ୟା ଆସିଯାଏ, ତାହେଲେ ପୁରା ଶରୀରରେ, ବ୍ୟକ୍ତିତ୍ୱରେ ସମସ୍ୟା ଆରମ୍ଭ ହୋଇଯାଏ । ଏହିପରି ଭାବରେ ଶରୀର ସହିତ ମନ ଓ ମନ ସହିତ ପ୍ରାଣ ଯୋଡି ହୋଇଛି । ଯଦି ଆମେ ଗୋଟିଏକୁ ପ୍ରଭାବିତ କରିବା ତ ଅନ୍ୟଟି ସହଜରେ ପ୍ରଭାବିତ ହୋଇଯାଏ । ଏହିପରି ଶରୀର, ମନ, ପ୍ରାଣ ଏ ତିନିଟି ତଳ ନିଜର ଏକ ଲୟବଦ୍ଧତାରେ ଚାଲିଛି । ଯଦି ଏହି ଲୟବଦ୍ଧତାରେ କୌଣସି ଅସନ୍ତୁଳନ ହୁଏ ତେବେ ଏହା ମଧ୍ୟରେ ବ୍ୟତିକ୍ରମ ଆରମ୍ଭ ହୋଇଯାଏ ଏବଂ ଏହି ବ୍ୟତିକ୍ରମ ଯୋଗୁଁ ଭିନ୍ନ ଭିନ୍ନ ତଳରେ ଭିନ୍ନ ଭିନ୍ନ ଦୁର୍ଘଟଣା ଘଟିଥାଏ ।

ଏହି ବିକାରକୁ ଅର୍ଥାତ୍ ଲୟବଦ୍ଧତାରେ ଯେଉଁ ବ୍ୟତିକ୍ରମ ହୋଇଥାଏ ତାହାକୁ ପୁନଶ୍ଚ ସ୍ଥାପନ କରିବା ଧାନର ଉଦ୍ଦେଶ୍ୟ । ଧାନ ଦ୍ୱାରା ଆମେ ଅସନ୍ତୁଳନକୁ ସନ୍ତୁଳିତ କରିଥାଉ, ଏହାକୁ ପୁନଶ୍ଚ ଏକ ଲୟ ପ୍ରଦାନ କରିଥାଉ । ଏହା ଧାନର ଉଦ୍ଦେଶ୍ୟ ଅଟେ ।

# ନ୍ୟାୟାଳୟରେ 'ଟୁଇଟର'

**ଡକ୍ଟର ପ୍ରଦୀପ ମହାପାତ୍ର**

ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ସୋ**ସିଆଲ ମିଡ଼ିଆ 'ଟୁଇଟର' ନିଜସ୍ୱ ମଞ୍ଚରେ ପ୍ରକାଶିତ ରଚନା, ଚିତ୍ର ଓ ଦୃଶ୍ୟ ଇତ୍ୟାଦି ହଟାଇ ନେବା, ଉପଭୋକ୍ତାଙ୍କ ବିବରଣୀ ପ୍ରଶାସନକୁ ଜଣାଇବା ଏବଂ ଏକାଉଣ୍ଟ ବାତିଲ କରିବା ଭଳି ସରକାରୀ ନିର୍ଦ୍ଦେଶାବଳୀର ବିରୋଧ କରିଥାଏ । ଏହି କ୍ଷେତ୍ରରେ ଆଇନ ଓ ଆଚରଣ ସଂହିତା ପ୍ରଣୟନ ଫଳରେ ପ୍ରଶାସନିକ ଆଦେଶ ପାଳନ ଲାଗି ଡିଜିଟାଲ ମଞ୍ଚଗୁଡ଼ିକ ବାଧ ହୋଇଥାନ୍ତି । ତେବେ କଟକଣା ପରିମାଣ ବୃଦ୍ଧି ଓ କ୍ଷମତାର ଦୂରୂପଯୋଗ ଅଭିଯୋଗରେ ନ୍ୟାୟଗତ ସହାୟତା ନିମନ୍ତେ ଉଦ୍ୟମ ଲାଗି 'ଟୁଇଟର' ନୀତିଗତ ନିଷ୍ପତ୍ତି ଗ୍ରହଣ କରିଥିବା ଗଣମାଧମ ସମୀକ୍ଷକମାନେ ଅନୁମାନ କରନ୍ତି ।

'ଟୁଇଟର' ପକ୍ଷରୁ ୨୦୨୨ ଜୁନ ପ୍ରଥମ ସପ୍ତାହରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟରେ ସୋସିଆଲ ମିଡ଼ିଆ ମଞ୍ଚରେ ପ୍ରକାଶନ ଅପସାରଣ କାର୍ଯ୍ୟବିଧି ସମୀକ୍ଷା କରିବା ନିମନ୍ତେ ପ୍ରାର୍ଥନା ଆବେଦନ କରାଯାଇଛି । ପ୍ରାଥମିକ ପର୍ଯ୍ୟାୟରେ ଆଇନଗତ ପଦକ୍ଷେପର ବିଶଦ ବିବରଣୀ ପ୍ରକାଶିତ ହୋଇନଥିଲା । ତେବେ ତଥ୍ୟାଭିଜ୍ଞଙ୍କ ସୂଚନା ମୁତାବକ କେନ୍ଦ୍ର ସରକାରଙ୍କ 'ଇଲକ୍ଟ୍ରୋନିକ୍ସ ଓ ଇନଫରମେସନ ଟେକନୋଲଜି ମନ୍ତ୍ରଣାଳୟ'ପକ୍ଷରୁ ଜୁନ ୨୭ରେ ଜାରି କରାଯାଇଥିବା କଡ଼ା ନିର୍ଦ୍ଦେଶନାମାକୁ କେନ୍ଦ୍ର କରି ଆଇନଗତ ସହାୟତା ଲୋଡ଼ାଯାଇଥାଇପାରେ । କେତେକ ଆପତ୍ତିଜନକ ପ୍ରକାଶନକୁ ହଟାଇବା ନିମନ୍ତେ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା । ତେବେ ତାହା କାର୍ଯ୍ୟକାରୀ କରିବାରେ 'ଟୁଇଟର' ପକ୍ଷରୁ ବିଳମ୍ବ ହେବା ଅବସରରେ ଜୁଲାଇ ୪ ତାରିଖ ସୁଦ୍ଧା ସାରିବାକୁ ଶେଷ ସୁଯୋଗ ଦିଆଯାଇଥିବା ଉଲ୍ଲେଖ କରି ବିଜ୍ଞପ୍ତି ଜାରି କରାଯାଇଥିବା ପ୍ରକାଶ ।

'ଇନଫରମେସନ ଟେକନୋଲଜି ଆକ୍ଟ ୨୦୦୦' ଅନୁଯାୟୀ ଟୁଇଟର, ଫେସବୁକ, ହ୍ୱାଟସଆପ ଭଳି ସୋସିଆଲ ମିଡ଼ିଆ ମଞ୍ଚଗୁଡ଼ିକୁ ସେଥିରେ ପ୍ରକାଶିତ ପାଠ୍ୟ, ଚିତ୍ର ଓ ଦୃଶ୍ୟର ପ୍ରକାଶକ ବଦଳରେ ମଧସ୍ଥି 'ଇଣ୍ଟରମିଡ଼ିଏରି' ବିଚାର କରାଯାଏ । ମୂଳ ପାଠ୍ୟ, ଚିତ୍ର ଓ ଦୃଶ୍ୟ ପୋଷ୍ଟ କରିଥିବା ଉପଭୋକ୍ତା ପ୍ରକାଶକ ନିର୍ଦ୍ଧାରିତ ହୋଇଥାନ୍ତି । ତେବେ ଆକ୍ଟର ୬୯(ଏ) ଅନୁଯାୟୀ ସରକାରଙ୍କ ପକ୍ଷରୁ ପ୍ରଶାସନ କିମ୍ବା ନ୍ୟାୟାଳୟ ଆପତ୍ତିଜନକ ପ୍ରକାଶନଗୁଡ଼ିକୁ ହଟାଇନେବା, ପ୍ରକାଶକଙ୍କ ସଂପର୍କରେ ସୂଚନା ପ୍ରଦାନ କିମ୍ବା ନିର୍ଦ୍ଦିଷ୍ଟ ଉପଭୋକ୍ତାଙ୍କ ଆକାଉଣ୍ଟ ବାତିଲ କରିବା ନିମନ୍ତେ ସୋସିଆଲ ମିଡ଼ିଆ ମଞ୍ଚଗୁଡ଼ିକୁ ଆଦେଶ ଦେଇପାରିବେ । ନିର୍ଦ୍ଧାରିତ ସମୟ ମଧରେ ମଞ୍ଚ ପକ୍ଷରୁ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରାଗଲେ ଆଇନ ଅନୁଯାୟୀ 'ମଧସ୍ଥି' ବଦଳରେ ସେମାନଙ୍କୁ 'ପ୍ରକାଶକ' ଭାବେ ଅଭିହିତ କରାଯିବ ବୋଲି ଚେତାବନୀ 'ଟୁଇଟର'କୁ ଦିଆଯାଇଥାଇପାରେ ।

ଭାରତରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୧ ଆରମ୍ଭରେ 'ଇନଫରମେସନ ଟେକନୋଲଜି ରୁଲସ' ଓ 'ଡ଼ିଜିଟାଲ ମିଡ଼ିଆ ଏଥିକ୍ସ କୋଡ଼' ଲାଗୁ କରାଯାଇଥିଲା । ସେଥିରେ ଅନଲାଇନ ସୂଚନା ଓ ସମ୍ବାଦ ପ୍ରସାରକମାନଙ୍କୁ ସରକାର କିମ୍ବା ଅଦାଲତ ପକ୍ଷରୁ କୌଣସି ଅନଲାଇନ ପ୍ରକାଶନ ବାତିଲ ନିର୍ଦ୍ଦେଶ ଦିଆଯିବାପରେ ୩୬ ଘଣ୍ଟା ମଧରେ କାର୍ଯ୍ୟକାରୀ କରିବା ନିମନ୍ତେ ନିୟମ ରହିଛି । ଏକ ପକ୍ଷରେ ସୋସିଆଲ ମିଡ଼ିଆ ମଞ୍ଚଗୁଡ଼ିକ ଏଦିଗରେ ଟାଳଟୁଳ ନୀତି ଗ୍ରହଣ କଲେ ପ୍ରଶାସନିକସ୍ତରରେ କଡ଼ା କାର୍ଯ୍ୟାନୁଷ୍ଠାନ ଚେତାବନୀ ଦିଆଯାଉଛି । ଅପରପକ୍ଷେ ସୋସିଆଲ ମିଡ଼ିଆ ମଞ୍ଚଗୁଡ଼ିକରୁ ଅଭିଯୋଗ କରାଯାଉଛି ଯେ ଅବିଚାରିତ ଭାବେ ଏକତରଫା ଉପଭୋକ୍ତାଙ୍କ ପ୍ରକାଶନ ବାତିଲ କରିବା, ଏକାଉଣ୍ଟ ରଦ୍ଦ କରିବା ଭଳି ପଦକ୍ଷେପ ମୁକ୍ତ ଅଭିବ୍ୟକ୍ତିର ବିରୁଦ୍ଧାଚରଣ କରୁଛି । କୁହାଯାଉଛି ଅନ୍ତତଃପକ୍ଷେ ଉପଭୋକ୍ତଙ୍କ ପ୍ରକାଶନ ବା ଏକାଉଣ୍ଟ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବରୁ ସେମାନଙ୍କୁ ସମସ୍ୟା ସଂପର୍କରେ ଅବଗତ ନକରାଇବା ଅନ୍ୟାୟ ।

ଭାରତ ସରକାରଙ୍କ ସୋସିଆଲ ମିଡ଼ିଆ ନୀତି ସହ 'ଟୁଇଟର' ପକ୍ଷରୁ ମୁହାଁ ମୁହିଁ ଲାଗି ରହିଛି । ଫେବୃୟାରୀ ୨୦୨୨ରେ 'ଟୁଇଟର'ରେ ସରକାର ବିରୋଧୀ ପ୍ରକାଶନ ନିମନ୍ତେ ୫୦୦ ଏକାଉଣ୍ଟ ରଦ୍ଦ କରାଯିବା ଅବସରରେ ଟଣା ଓଟରା ଦେଖିବାକୁ ମିଳିଥିଲା । 'ଟୁଇଟର' ପକ୍ଷରୁ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟରେ ଆବେଦନ ପୂର୍ବରୁ କେନ୍ଦ୍ର ସରକାରଙ୍କ 'ଇଲକ୍ଟ୍ରୋନିକ୍ସ ଓ ଇନଫରମେସନ ଟେକନୋଲଜି ମନ୍ତ୍ରଣାଳୟ' ପ୍ରଦତ୍ତ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଇଥିବା ପ୍ରକାଶ । ତେବେ ସରକାରୀ ନିର୍ଦ୍ଦେଶନାମା ଅସଂଗତ ଏବଂ ଏହାକୁ ପ୍ରତ୍ୟାହାର କରାଯାଉ ବୋଲି ପ୍ରାର୍ଥନା କରାଯାଇଥିବା ଅନୁମାନ କରାଯାଇଥିଲା । ଆଇନାବଳୀକୁ କଦର୍ଥ କରି ପ୍ରଶାସନିକସ୍ତରରେ ଉପଯୋଗ ହେଉଥିବା ଧାରାକୁ ବିରୋଧ କରି ଅଭିଯୋଗ ଉପସ୍ଥାପନ ସୁସ୍ପଷ୍ଟ ।

'ଟୁଇଟର' ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ କେନ୍ଦ୍ର ସରକାରଙ୍କ 'ଇଲକ୍ଟ୍ରୋନିକ୍ସ ଏଣ୍ଡ ଇନଫରମେସନ ଟେକନଲୋଜି' ବିଭାଗ ଦାୟିତ୍ୱ ତୁଲାଉଥିବା ମନ୍ତ୍ରୀ ଓ ରାଷ୍ଟ୍ରମନ୍ତ୍ରୀ ଗଣମାଧମ ସମ୍ମୁଖରେ ସରକାରୀ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ । 'ଟୁଇଟର' ଘଟଣାବଳୀକୁ ଉଲ୍ଲେଖ କରିନଥିଲେ ହେଁ ଏଭଳି ପରିବେଶରେ ସେମାନଙ୍କ ଦୃଷ୍ଟିଭଙ୍ଗୀର ସମ୍ୟକ ସୂଚନା ଦେଇଥିଲେ । ବିଭାଗୀୟ ମନ୍ତ୍ରୀଙ୍କ ବକ୍ତବ୍ୟରେ ପାଞ୍ଚଗୋଟି ବିଷୟ ଅବତାରଣା କରାଯାଇଥିଲା ।

ପ୍ରଥମତଃ, ସମକାଳରେ ସୋସିଆଲ ମିଡ଼ିଆର ବ୍ୟାପ୍ତି ତଥା ବହୁ ସଂଖ୍ୟକ ନାଗରିକଙ୍କ ସହ ସଂପୃକ୍ତି କାରଣରୁ ଗୁରୁତ୍ୱପୂର୍ଣ୍ଣ । ଦ୍ୱିତୀୟତଃ, ସୋସିଆଲ ମିଡ଼ିଆ ଉତ୍ତରଦାୟୀ ରହିବା ଆବଶ୍ୟକ । ଏହି ଦିଗରେ ଆଇନାବଳୀ ଉପଯୋଗ ନିମନ୍ତେ ବିଶ୍ୱବ୍ୟାପୀ ଉଦ୍ୟମ ଚାଲିଛି । ତୃତୀୟତଃ, ସୋସିଆଲ ମିଡ଼ିଆ ମଞ୍ଚଗୁଡ଼ିକ ଆତ୍ମ-ନିୟନ୍ତ୍ରଣ 'ସେଲଫ ରେଗୁଲେସନ' ଧାରାରେ ପରିଚାଳିତ ହେବା ଶୁଭଙ୍କର । କିନ୍ତୁ ଆବଶ୍ୟକ ସ୍ଥଳେ ସରକାରଙ୍କ ହସ୍ତକ୍ଷେପ ଜରୁରୀ । ଚତୁର୍ଥତଃ, ସୋସିଆଲ ମିଡ଼ିଆ ମଞ୍ଚଗୁଡ଼ିକ ଉପଭୋକ୍ତାଙ୍କ ସୃଜନ 'କଣ୍ଟେଣ୍ଟ' ଦ୍ୱାରା ଲାଭବାନ ହେଉଥିବା ଅବସରରେ ସର୍ଜନଶୀଳ 'କଣ୍ଟେଣ୍ଟ କ୍ରିଏଟର'ମାନେ କିପରି ଉପକୃତ ହୋଇପାରିବେ ସେଦିଗରେ ଧାନ ଦେବା ଆବଶ୍ୟକ । ପଞ୍ଚମତଃ, ଦେଶର ନୀତି ନିୟମ ସମସ୍ତେ ସମଭାବରେ ପାଳନ କରିବା ଅପରିହାର୍ଯ୍ୟ ।

ଇଲେକ୍ଟ୍ରୋନିକ୍ସ ଏଣ୍ଡ ଇନଫରମେସନ ଟେକନୋଲଜି ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ କହିଥିଲେ ଯେ ଭାରତରେ ସମସ୍ତ ଦେଶଜ ଓ ବୈଦେଶିକ ପ୍ରତିଷ୍ଠାନ ସରକାରୀ ଆଇନକାନୁନର ସମୀକ୍ଷା ନିମନ୍ତେ ନ୍ୟାୟାଳୟର ଆଶ୍ରୟ ନେବା ଆଇନସମ୍ମତ ହିସାବରୁ ଜଣାଯାଏ ଯେ ଆମଦେଶରେ ପ୍ରାୟ ଦୁଇ କୋଟି ୪୦ ଲକ୍ଷ 'ଟୁଇଟର' ମଞ୍ଚରେ ଅବତୀର୍ଣ୍ଣ । ଫେସବୁକ, ହ୍ୱାଟସଆପ ଓ ୟୁଟ୍ୟୁବ ତୁଳନାରେ 'ଟୁଇଟର'ର ଉପଭୋକ୍ତା ସଂଖ୍ୟା ଅଧିକ ନହେଲେ ହେଁ ସାମାଜିକ ନେତୃତ୍ୱ ଗ୍ରହଣ କରୁଥିବା ରାଜନୀତିଜ୍ଞ, ବ୍ୟବସାୟୀ ଓ ବୁଦ୍ଧିଜୀବୀଙ୍କ ଗହଣରେ ଆଦର ଥିବା ହେତୁ ସଂପୃକ୍ତ ମଞ୍ଚର ଗତିବିଧି ଗୁରୁତ୍ୱ ବହନ କରିଥାଏ ।

ଟୁଇଟର, ଫେସବୁକ ଓ ଅନ୍ୟ କେତେକ ସୋସିଆଲ ମିଡ଼ିଆ ମଞ୍ଚ ପକ୍ଷରୁ ସାମୟିକଭାବେ ସେମାନେ କେତେ ସଂଖ୍ୟାରେ ସରକାରୀ ନିର୍ଦ୍ଦେଶନାମା ଅନୁପାଳନରେ ଉପଭୋକ୍ତାଙ୍କ ସଂପର୍କରେ ସୂଚନା ପ୍ରଦାନ ବା ପ୍ରକାଶନ ରଦ୍ଦ କରିଛନ୍ତି ତାହାର ବିବରଣୀ ପ୍ରକାଶ କରିଥାନ୍ତି । ଇଂଲିଶ ବ୍ୟାବସାୟିକ ସମ୍ବାଦପତ୍ର 'ବିଜିନେସ ଷ୍ଟାଣ୍ଡାର୍ଡ'ରେ ପ୍ରକାଶିତ ଏକ ହିସାବ ଅନୁଯାୟୀ 'ଟୁଇଟର' ପକ୍ଷରୁ ମହାମାରୀ-ପୂର୍ବ ଡ଼ିସେମ୍ବର ୨୦୧୯ ସୁଦ୍ଧା ଷଡ଼ମାସିକ ଅବଧିରେ ୬୫୦ ଗୋଟି ଉପଭୋକ୍ତାଙ୍କ ସୂଚନା ଓ ୫୫୦ ଗୋଟି ପ୍ରକାଶନ ରଦ୍ଦ କରାଯାଇଥିବା ସ୍ଥଳେ ମହାମାରୀ-ପର ଜୁନ ୨୦୨୧ ଷଡ଼ମାସିକ ଅବଧିରେ ସେହି ଭଳି ସରକାରୀ ନିର୍ଦ୍ଦେଶ ଯଥାକ୍ରମେ ୪,୮୦୦ ଓ ୨,୮୦୦କୁ ବୃଦ୍ଧି ପାଇଥିଲା ।

କର୍ଣ୍ଣାଟକ ଉଚ୍ଚନ୍ୟାୟାଳୟରେ 'ଟୁଇଟର'ର ଆବେଦନ ସୋସିଆଲ ମିଡ଼ିଆ ପରିସରରେ ଅଭିବ୍ୟକ୍ତିର ସ୍ୱାଧୀନତା ଓ ସାମାଜିକ ଦାୟବଦ୍ଧତା ପ୍ରଶ୍ନର ଉତ୍ତର ଖୋଜି ବାହାର କରିବା ଦିଗରେ ପ୍ରଭାବଶାଳୀ ଭୂମିକା ନିର୍ବାହ କରିବା ଆଶା କରାଯାଏ । ଗଣମାଧମ ସମୀକ୍ଷକଙ୍କ ମତରେ ଏହିଭଳି ନ୍ୟାୟିକ ଲଢ଼େଇର ଫଳାଫଳ ସୀମାପାର ଆନ୍ତର୍ଜାତିକସ୍ତରରେ ପ୍ରଭାବ ବିସ୍ତାର କରିବ । ଉଦାରପନ୍ଥୀ ବ୍ରିଟେନ ଓ ୟୁରୋପୀୟ ରାଷ୍ଟ୍ରପୁଞ୍ଜ ସୋସିଆଲ ମିଡ଼ିଆ ନିୟନ୍ତ୍ରଣ ନିମନ୍ତେ ସଜବାଜ ହେଉଥିବା ଅବସରରେ ଭାରତଭଳି ବୃହତ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନ୍ୟାୟିକ ଦୃଷ୍ଟିକୋଣ ସୁଦୂରପ୍ରସାରୀ ବିଚାର କରାଯାଏ । ଅବଶ୍ୟ ୨୦୨୨ ବର୍ଷ ଆରମ୍ଭରେ ଗଣମାଧମ ପୂର୍ବାନୁମାନରେ ଏହି ଭଳି ସଂଘର୍ଷପୂର୍ଣ୍ଣ ପରିବେଶ ଆଶା କରାଯାଉଥିଲା ଏବଂ ଭବିଷ୍ୟତରେ ପରିବ୍ୟାପ୍ତ ହେବା ଆକଳନ ଅସମଚୀନ ନୁହେଁ ।

## କିସମିସ୍‌ର ଉପକାରିତା

**କି**ସ୍‌ମିସ୍‌ରେ ଅନେକ ଉପକାରୀ ତତ୍ତ୍ୱ ଭରି ରହିଛି । ବିଶେଷଭାବରେ ଶୀତଦିନରେ ଏହାକୁ ଖାଇଲେ ତାହା ବ୍ୟାକ୍ଟେରିଆଗୁଡିକୁ କାୟା ବିସ୍ତାର କରିବାକୁ ଦେଇ ନ ଥାଏ । କେବଳ ସେତିକି ନୁହେଁ, ଶରୀର ଭିତରେ ସଂକ୍ରମଣ ପ୍ରତିରୋଧକ ଶକ୍ତିକୁ ମଧ ବଢ଼ାଇଥାଏ । ଏହା ଲିଭର ଭିତରେ ଥିବା ଟକ୍ସିନ୍ ନାମକ ବିଷାକ୍ତ ତତ୍ତ୍ୱକୁ ନିଷ୍କାସନ କରିବାରେ ସହାୟକ ହୋଇଥାଏ । ତା' ସହ ମୁଖଦୁର୍ଗନ୍ଧ ଦୂର କରିଥାଏ କିସ୍‌ମିସ୍ ।

## ଆଜିର ଚିନ୍ତନ

**ଆ**ଚରଣ ଏବଂ ଉଚ୍ଚାରଣ ମଧରେ ଯେଉଁମାନେ ସମନ୍ୱୟ ସମ୍ପାଦନ କରି ପାରନ୍ତି ସେମାନେ ହିଁ ପ୍ରକୃତ ମନୁଷ୍ୟ । ଯାହା ଉଚ୍ଚାରଣ କରିବ ତାକୁ ଆଚରଣରେ ଦେଖାଇ ଦେବା ହିଁ ମାନବିକ ମୂଲ୍ୟବୋଧ । ମହାପୁରୁଷମାନଙ୍କର ଏହା ସହଜାତ ପ୍ରବୃତ୍ତି । ଉତ୍ତମ ଗୁଣ ସଂପନ୍ନ ବ୍ୟକ୍ତିମାନେ ଏହା ପରିପାଳନ କରି ସମସ୍ତଙ୍କ ଦ୍ୱାରା ପ୍ରଶଂସାର ପାତ୍ର ହୋଇଥାନ୍ତି । ତେଣୁ କୁହାଯାଇଛି, 'ଅଙ୍ଗୀକୃତଂ ସୁକୃତନଃ ପରିପାଳୟନ୍ତି' ''ଅଜୀର୍ଣ୍ଣେ ଭୋଜନଂ କଫ ।' ଅଜୀର୍ଣ୍ଣ ଅବସ୍ଥାରେ ଅମୃତ ପରି ଖାଦ୍ୟ ମଧ ଗ୍ରହଣ କରିବା ଉଚିତ ନୁହେଁ । ସ୍ୱାଦ ଖାଦ୍ୟରେ ନ ଥାଏ, ଥାଏ କ୍ଷୁଧାରେ, କ୍ଷୁଧା ଥିଲେ ସ୍ୱାଦ ନ ଥିବା ଖାଦ୍ୟ ମଧ ରୁଚିକର ହୋଇଥାଏ । ମନୁଷ୍ୟ ଖାଦ୍ୟ କିଣି ଦେଇପାରେ । କିନ୍ତୁ କ୍ଷୁଧା କିଣି ହୁଏ ନାହିଁ । ଶେଯ କିଣି ହୁଏ । କିନ୍ତୁ ନିଦ୍ରା ନୁହେଁ । ଅଜୀର୍ଣ୍ଣ ସମୟରେ ଖାଦ୍ୟ ଗ୍ରହଣ କଲେ ଶରୀର ଅସୁସ୍ଥ ହୁଏ । ଏପରିକି ମୃତ୍ୟୁ ମଧ ହୋଇଯାଏ । ଅଜୀର୍ଣ୍ଣେ ପଥ୍ୟମପ୍ୟନ୍ନଂ ବ୍ୟାଧୟେ ମରଣାୟ ବା ।' ଅପରିଚିତ ବ୍ୟକ୍ତିକୁ ଘରେ ଆଶ୍ରୟ ଦେବା ଉଚିତ ନୁହେଁ । ଅପରିଚିତ ବ୍ୟକ୍ତି ଘରେ ରହି ଘରର ଅନିଷ୍ଟ କରିବାର ସମ୍ଭାବନା ଯଥେଷ୍ଟ । ତେଣୁ ଶାସ୍ତ୍ର ବଚନ ହେଉଛି, ଅଜ୍ଞାତ କୁଳଶୀଳସ୍ୟ ବାସୋଦେୟୋ ନ କସ୍ୟଚିତ । କାଠ ମଧରେ ଅଗ୍ନି ଲୁକ୍କାୟିତ ଭାବେ ଥାଏ । ପ୍ରାଚୀନ କାଳରେ ଦିଆସିଲି ବା ବିଦ୍ୟୁତ୍ ଶକ୍ତି ନ ଥିଲା, ଅଗ୍ନି ଦ୍ୱାରା ରନ୍ଧନ କାର୍ଯ୍ୟ କରିବା ପାଇଁ ଲୋକମାନେ ଦୁଇଖଣ୍ଡ କାଠକୁ ଜୋରରେ ଘଷୁ ଥିଲେ । ଘର୍ଷଣ ଫଳରେ କାଠରୁ ଅଗ୍ନି ଜାତ ହେଉଥିଲା । ତେଣୁ କୁହାଯାଇଛି, 'ଅତିନିର୍ମଥନା ଦଗ୍ନି ଶ୍ଚଳନା ଦପି ଜାୟତେ ।' ଚନ୍ଦନକାଠ ଦୁଇଖଣ୍ଡକୁ ଅତି ଜୋରରେ ଘଷିଲେ ଶୀତଳତା ପ୍ରଦାନ କରୁଥିବା ଚନ୍ଦନରୁ ମଧ ଉତ୍ତପ୍ତ ଅଗ୍ନି ଜାତ ହୁଏ । ପ୍ରତ୍ୟେକ ପଦାର୍ଥର ଉପଯୋଗ ଜଗି ରଖି କରିବା ଉଚିତ । ଯେ କୌଣସି ଜିନିଷର ଅତିମାତ୍ରାରେ ବ୍ୟବହାର ହାନି କାରକ । ତେଣୁ ସବୁ କ୍ଷେତ୍ରରେ 'ଅତି' ବର୍ଜନୀୟ । 'ଅତି' ସର୍ବତ୍ର ବର୍ଜୟେତ । ଅତିରୁ ଇତି ହୋଇ ଯିବା ସମ୍ଭାବନାକୁ ଏଡ଼ାଇ ଦେଇ ହେବ ନାହିଁ । ସଂସାରରେ ଯେତେ ଧନରତ୍ନ ଅଛି ସେ ସବୁଠାରୁ ମୂଲ୍ୟବାନ ଧନ ହେଉଛି ଚରିତ୍ର । ଉତ୍କୃଷ୍ଟ ବା ଉତ୍ତମ ଚରିତ୍ରବାନ୍ ବ୍ୟକ୍ତି ହିଁ ପ୍ରକୃତ ଧନୀ । ଅନ୍ୟ ଯେତେସବୁ ଗୁଣ ଚରିତ୍ର ତଳେ ହିଁ ରହନ୍ତି । ଚରିତ୍ର ସତ୍ ହେଲେ ମନୁଷ୍ୟ ଗୁଣୀ ବା ଗୁଣବାନ ପଦବାଚ୍ୟ ହୋଇଥାଏ । ଚରିତ୍ର ବ୍ୟତିରେକେ ଗୁଣ କୌଣସି କାମରେ ଆସେ ନାହିଁ । ତେଣୁ କୁହାଯାଇଛି, 'ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ବିହୁନେ ସବୁ ଅସାର ।'

# ସକାରାତ୍ମକ ବିଚାର ସହିତ ଜୀବନକୁ ଉଚ୍ଚତର ଦିଶା ପ୍ରଦାନ କରନ୍ତୁ

**ବି**ଚାରର ଶକ୍ତି ଅସୀମ । ବ୍ୟକ୍ତି ଯେପରି ବିଚାରକରେ, ସେପରି ହୋଇଯାଏ, କାରଣ ସେ ଯେପରି ବିଚାର କରେ, ସେହିପରି କର୍ମ ହୋଇଥାଏ ଏବଂ କ୍ରମଶଃ ସେ ସେହିପରି ହୋଇଯାଏ, କିନ୍ତୁ ବିଚାରର ସ୍ୱରୂପ ସୂକ୍ଷ୍ମ ହେବା କାରଣରୁ ସାଧାରଣତଃ ଏହାର ଶକ୍ତି ଓ ପ୍ରଭାବ ତୁରନ୍ତ ବୁଝି ହୁଏ ନାହିଁ, ଯେଉଁ କାରଣରୁ ଅଧିକାଂଶ ଲୋକ ବିଚାର ଶକ୍ତିକୁ ଅଯଥାରେ ନଷ୍ଟ କରନ୍ତି କିମ୍ବା ନକାରାତ୍ମକ ଢ଼ଙ୍ଗରେ ଉପଯୋଗ କରି ପରେ ଏହାର ପରିଣାମ ଭୋଗନ୍ତି ।

ଗଭୀର ଆତ୍ମଚିନ୍ତନ ଓ ବିଶ୍ଳେଷଣ ପରେ ନକାରାତ୍ମକ ବିଚାର କିପରି ବ୍ୟକ୍ତିତ୍ୱକୁ ଖଣ୍ଡିତ କରୁଛି, ସୂକ୍ଷ୍ମ ସ୍ତରରେ କାମ, କ୍ରୋଧ, ଲୋଭ, ମୋହ, ଅହଂକାର, ରାଗ ଦ୍ୱେଷ ଭଳି ବିକାର କିପରି ବ୍ୟକ୍ତିର ମହାନ୍ ସମ୍ଭାବନାଗୁଡିକୁ ବାଧିତ କରୁଛି, ତାକୁ ଜଟିଳତା ମଧରେ ଫଂସାଇ ଦେଉଛି, ଯେଉଁଥିରୁ ମୁକ୍ତି ପାଇବା ସମ୍ଭବ- ଏକଥା ସ୍ପଷ୍ଟ ହୋଇପାରେ । ବିଚାରର ଏହି ନକାରାତ୍ମକ ପ୍ରଭାବକୁ ଗଭୀରତାରେ ବୁଝି ପାରିବା ଓ ଏଥିରୁ ବାହାରି ଆସିବାର ଇଚ୍ଛା ଏକ ବହୁତ ବଡ଼ କାର୍ଯ୍ୟ । ଏପରି ହେବା ଅର୍ଥ ଜୀବନର ଚାବି ମିଳିଯିବା ।

ବସ୍ତୁତଃ ବିଚାର କର୍ମର ବୀଜ ଆଉ ବ୍ୟବହାରର ପ୍ରେରକ । ଯେବେ ଆମେ ବ୍ୟସ୍ତ ରହିଥାଉ ତ ଅନ୍ୟ କୌଣସି ବିଚାର ଆମ ମନକୁ ଆସି ନ ଥାଏ ଏବଂ କୌଣସି ଅବାଞ୍ଛନୀୟ କର୍ମ ବି ଘଟି ନ ଥାଏ । ଏଣୁ କ୍ରିୟା ଓ ବ୍ୟବହାରକୁ ନିୟନ୍ତ୍ରଣ କରିବା ପାଇଁ ବିଚାରର ସଂଯମ ଓ ନିଗ୍ରହ ଆବଶ୍ୟକ । ଶାସ୍ତ୍ରରେ କୁହାଯାଇଛି ଯେ ମନ କିଛି ନୁହେଁ, ବରଂ ବିଚାରଗୁଡିକର ପ୍ରବାହ ମାତ୍ର, ଠିକ୍ ଯେପରି ନଦୀ କିଛି ନୁହେଁ ପାଣିର ପ୍ରବାହ ମାତ୍ର । ଯଦି ପାଣିକୁ ଶୁଦ୍ଧ କରାଯିବ ତ ନଦୀ ସ୍ୱତଃ ନିର୍ମଳ ହୋଇଯିବ । ସେହିପରି ବିଚାରଗୁଡିକୁ ଶୁଦ୍ଧ କରିବା ମାତ୍ରେ, ନିୟନ୍ତ୍ରଣ କରିବା ମାତ୍ରେ ମନ ଓ ଜୀବନ ମଧ ସ୍ୱତଃ ଶୁଦ୍ଧ ଓ ନିର୍ମଳ ହେବା ଆରମ୍ଭ ହୋଇଯାଏ ।

ଏହିପରି ଯଦି ବିଚାର ଉତ୍ତମ ହୁଏ ତ ଜୀବନ ପ୍ରସନ୍ନତା, ବିଶ୍ୱାସ ଓ ଆଶାରେ ପୁରିଯାଏ ଏବଂ ଯଦି ମନ ନକାରାତ୍ମକ, ନୀଚ ଓ ଦୁଷ୍ଟ ବିଚାରରେ ପରିପୂର୍ଣ୍ଣ ଥାଏ, ତେବେ ଜୀବନ ସତତ ଉଦବିଗ୍ନତା, ସନ୍ତାପ ଓ ଦୁଃଖରେ ଆକ୍ରାନ୍ତ ରହିବ ।

ଆମେ ଜାଣୁ ଯେ ମନ ଭଲ ଥିଲେ ଆମେ ଯେକୌଣସି ସ୍ଥାନରେ ଖୁସିରେ ରହିଥାଉ ଏବଂ ମନ ଭଲ ନ ଥିଲେ ସମସ୍ତ ସୁବିଧା, ସୁନ୍ଦର ଓ ଅନୁକୂଳ ସ୍ଥାନ ମଧ ଆମକୁ କଷ୍ଟକର ଲାଗିଥାଏ । ଏହିପରି ଜୀବନରେ ବିଚାରର ଭୂମିକା ସ୍ପଷ୍ଟ । ଜୀବନରେ ସନ୍ତୁଳନ, ଖୁସି ଓ ସନ୍ତୋଷ ଆଣିବା ପାଇଁ ବିଚାରର ସଂଯମ ଆବଶ୍ୟକ । ଏହା ବିନା ଅନ୍ୟ କୌଣସି କ୍ରିୟା ପ୍ରଭାବଶାଳୀ ହେବ ନାହିଁ । ଆମେ ଯେତେ ଧାର୍ମିକ କର୍ମକାଣ୍ଡ, ହଠଯୋଗ କ୍ରିୟା ଓ ଆସନ ପ୍ରାଣାୟାମ କଲେ ମଧ, ଯଦି ବଚାରକୁ ପରିଷ୍କୃତ ଏବଂ ନିୟନ୍ତ୍ରିତ କରିବାର ବିଧିକୁ ବୁଝିବା ନାହିଁ, ଜାଣିବା ନାହିଁ ତ ଆମର ସମସ୍ତ ପ୍ରୟାସ ଅଳ୍ପ ଓ ନ୍ୟୁନ ସାବ୍ୟସ୍ତ ହେବ ତଥା ଜୀବନ ବାଞ୍ଛିତ ପ୍ରସନ୍ନତାରୁ ବଞ୍ଚିତ ରହିଯିବ ।

ସ୍ୱାମୀ ବିବେକାନନ୍ଦ କହୁଥିଲେ- ‘ଏବେ ଆମେ ଗୋଟିଏ ମାଇଲ ବି ଘୁଷୁରି ଘୁଷୁରି ଚାଲିପାରୁ ନାହେଁ ଏବଂ ହନୁମାନଙ୍କ ଭଳି ସମୁଦ୍ର ଲଂଘନ କରିବାର ସ୍ୱପ୍ନ ଦେଖୁଛେ, ଏହା କିପରି ସମ୍ଭବ । ଦିନ ସାରା ଆମେ ନିନ୍ଦା, ଚୁଗୁଲି, ପ୍ରପଞ୍ଚର ବିଚାରରେ ମଜ୍ଜି ରହୁ, ପାପକର୍ମରେ ଲିପ୍ତ ରହୁ ଏବଂ ସନ୍ଧ୍ୟାରେ ବସି ଧାନ କରିବାକୁ ଚାହୁଁ, ଏହା କିପରି ସମ୍ଭବ ହେବ । ଧାନ ସକାଶେ ଆବଶ୍ୟକ ଅନୁଶାସନ ଓ ପବିତ୍ରତା ଅର୍ଜନ କରିବାକୁ ହୋଇଥାଏ, ତାପରେ ଧାନ ଲାଗିଥାଏ, ଅନ୍ୟଥା ମନକୁ ସମ୍ପୂର୍ଣ୍ଣ ରିଆତି ଦେଇଦେଲେ, ଏହା ମନଇଚ୍ଛା ଆଚରଣ କରି ବ୍ୟକ୍ତିକୁ ଉନ୍ମତ୍ତ ଷଣ୍ଢର ସ୍ଥିତିରେ ଆଣି ପକାଇ ଦିଏ, ଯେଉଁଥିରୁ ସ୍ଥିରତା ଏକାଗ୍ରତାର ଆଶା କରାଯାଇ ନ ପାରେ ।

ଏଣୁ ଜୀବନ ଉପରେ ମନୋବାଞ୍ଛିତ ନିୟନ୍ତ୍ରଣ ଆଣିବା ପାଇଁ ଆମେ ନିଜର ବିଚାରଗୁଡିକୁ ସଂଯମିତ କରିବା ଏବଂ ଏଗୁଡିକୁ ସକାରାତ୍ମକତା ଓ ଶ୍ରେଷ୍ଠତାର ସଂବାହକ କରିବା । ଯଦି ଆମେ ଏପରି ନ କରିବା, ଦିନ ସାରା ଟି.ଭି., ମୋବାଇଲ ଓ ସୋସିଆଲ ମିଡିଆରେ ଲାଗି ରହିବା, ଅବାଞ୍ଛନୀୟ ବିଚାରଗୁଡିକୁ ମନରେ ପ୍ରବେଶ କରାଇବା, ତେବେ ଏହା ଦ୍ୱାରା କିଛି ଉତ୍ତମ ହେବାର ଆଶା କରି ପାରିବା ନାହିଁ ଏବଂ ଯଦି ଏପରି କରିବା, ତ ଏହା ଆମର ମୁର୍ଖତା ହେବ ।

ବିଚାରଗୁଡିକର ନିଗ୍ରହ ସକାଶେ ତିନିଟି ତତ୍ତ୍ୱ ଉପରେ ଧାନ ଦେବାର ଆବଶ୍ୟକତା ରହିଛି । ବିଚାରଗୁଡିକର ପରିଣାମ, ବିଚାରଗୁଡିକର ଗୁଣବତ୍ତା ଓ ବିଚାରଗୁଡିକର ଦିଶା । ପ୍ରଥମେ ପ୍ରତି ସେକେଣ୍ଡରେ କେତେ ବିଚାର ଆମ ମନରେ ଉଠୁଛି ତାହା ଦେଖିବାକୁ ହେବ । ଯଦି ଏଗୁଡିକର ପରିଣାମ ଅତ୍ୟଧିକ ହେବ ତ ନିଶ୍ଚିତ ରୂପେ ଆମେ ଚାପ, ଅବସାଦ, ଅନିଦ୍ରା, ସର୍ଦ୍ଦି, ଅଜୀର୍ଣ୍ଣ, ଉଚ୍ଚ ରକ୍ତଚାପ ଭଳି ସମସ୍ୟା ଗୁଡିକରେ ଗ୍ରସ୍ତ ରହିବା ଏବଂ ଏଗୁଡିକର ଚରମ ସ୍ଥିତିରେ ବିକ୍ଷିପ୍ତତା ଦିଗରେ ଟାଣି ହୋଇଯିବା । ଏଣୁ ବିଚାରଗୁଡିକର ପରିମାଣ କମ୍ କରିବା ଆବଶ୍ୟକ, ଯାହା ଆମକୁ ଅଧିକ ଶାନ୍ତ, ସ୍ଥିର ଓ ଏକାଗ୍ର କରିବ । ଏଥିପାଇଁ ବିଚାରଗୁଡିକୁ ଦ୍ରଷ୍ଟା ଭାବରେ ଅବଲୋକନ କରିବାର ଅଭ୍ୟାସକୁ ଉପଯୋଗୀ ମନେ କରାଯାଏ, ଯଦ୍ୱାରା ବିଚାର କ୍ରମଶଃ କମ୍ ହୋଇଯାଏ । ଏହାଦ୍ୱାରା ଗଭୀର ନିଦରେ ବିଚାରଗୁଡିକର ଅଭାବ ହୋଇଯାଏ ଏବଂ ଆମେ ସତେଜ ହୋଇଯାଉ । ଏହିପରି ଭାବରେ ଆମର ବିଚାର ଯେମିତି କମ୍ ହେବ, ସେତିକି ଆମେ ଏକାଗ୍ର ହେବା ଏବଂ ମନ ଯେତେ ଶାନ୍ତ ହେବ, ଆମର କାର୍ଯ୍ୟ ଓ ଜୀବନର ଗୁଣବତ୍ତା ସେତେ ସୁନିଶ୍ଚିତ ହେବ । ଏଥିପାଇଁ ଦୁଇଟି ଜିନିଷ ଆବଶ୍ୟକ ଅନୁଶାସନ ଓ ବିଚାରଗୁଡିକର ଅର୍ଥପୂର୍ଣ୍ଣ ନିୟୋଜନ । ସମୟ ସାରଣୀ ଅନୁରୂପ ଜୀବନଚର୍ଯ୍ୟା ନିର୍ଦ୍ଧାରିତ କଲେ ବିଚାରଗୁଡିକର ଅନୁଶାସନର ଆବଶ୍ୟକତା ଅନେକ ସୀମା ପର୍ଯ୍ୟନ୍ତ ପୂରଣ ହୋଇଯାଏ । ସ୍ୱଚ୍ଛ, ସକାରାତ୍ମକ ଓ ରଚନାତ୍ମକ କାର୍ଯ୍ୟରେ ବ୍ୟସ୍ତ ରହିଲେ ମନ ଅନାବଶ୍ୟକ ବିଚାରଗୁଡିକର ଭିଡରୁ ରକ୍ଷା ପାଇଯାଏ । ପରୀକ୍ଷା ଚାଲିଥିବା ଦିନ ଗୁଡିକରେ ମନ ଏହି ଅବସ୍ଥାରେ ନିଜର ଲକ୍ଷ୍ୟ ଉପରେ କେନ୍ଦ୍ରିତ ରହିଥାଏ । ଯାନବାହନ ଚଳାଇବା ସମୟରେ ମଧ ଆମର ବିଚାର ନିୟୋଜିତ ରହିଥାଏ । ଏହିପରି କର୍ତ୍ତବ୍ୟଗୁଡିକର ନିର୍ଦ୍ଧାରଣ ହୋଇଗଲେ ଆମେ ସଜାଗ ହୋଇ ଏଗୁଡିକୁ ନିଷ୍ଠା ପୂର୍ବକ ପାଳନ କରୁ ଓ ଅବାଞ୍ଛନୀୟ ବିଚାରଗୁଡିକର ପ୍ରବାହରୁ ଦୁରେଇ ରହିଥାଉ ।

ଦ୍ୱିତୀୟରେ ବିଚାରଗୁଡିକର ଗୁଣବତ୍ତା ବଢ଼ାଇବା ପାଇଁ ଉତ୍ତମ ଲୋକ ଓ କାର୍ଯ୍ୟଗୁଡିକର ଗୁରୁତ୍ୱକୁ ହୃଦୟଙ୍ଗମ କରିବାର ଆବଶ୍ୟକତା ରହିଛି । ଯେପରି କାର୍ଯ୍ୟରେ ଆମେ ସଂଲିପ୍ତ ରହିବା, ଆମର ସାଙ୍ଗ ସାଥୀ ଯେପରି ହେବେ, ଆମର ବିଚାର ସେହିପରି ନିର୍ମିତ ହେବ । କୁସଙ୍ଗତିର ପରିଣାମ ସର୍ବଦା ବିଚାରଗୁଡିକୁ କଳୁଷିତ କରିଥାଏ, ଯଦ୍ୟପି ଉତ୍ତମ ଲୋକଙ୍କ ସଙ୍ଗତି ଆମକୁ ଉଚିତ ମାର୍ଗରେ ପ୍ରେରିତ କରିଥାଏ, ମନ ସକାରାତ୍ମକ ବିଚାରରେ ଭରି ରହେ ଏବଂ ଆମେ ଜୀବନଲକ୍ଷ୍ୟ ଦିଗରେ ଅଗ୍ରସର ହେବାର ସନ୍ତୋଷ ଅନୁଭବ କରିଥାଉ । ମନ ଯେତେ ଶାନ୍ତ ହେବ, ବିଚାରଗୁଡିକର ଗୁଣବତ୍ତା ସେତେ ଉତ୍କୃଷ୍ଟ ହେବ । ସୂକ୍ଷ୍ମ ସ୍ତରରେ ଏହା କାମ, କ୍ରୋଧ, ଲୋଭ, ମୋହ, ଅହଂକାର, ଈର୍ଷା, ଦ୍ୱେଷ ଭଳି ନକାରାତ୍ମକ ବିଚାରଗୁଡିକର ପରିଶୋଧନ ସହିତ ହିଁ ସମ୍ଭବ ହୋଇଥାଏ, ଯେଉଁଥି ପାଇଁ ଜୀବନର ଉଚ୍ଚତର ଦିଶାଧାରା ଦିଗରେ ଅଗ୍ରସର ହେବା ଅଭୀଷ୍ଟ ହୋଇଥାଏ ।

ଜୀବନ ଆଧାତ୍ମିକତା ପ୍ରତି ଆକର୍ଷିତ ହେଲେ ବିଚାରଗୁଡିକର ମୂଳରୁ ପରିଷ୍କାର ପ୍ରାରମ୍ଭ ହୋଇଯାଏ ଏବଂ ଏଗୁଡିକର ଦିଶା ଶ୍ରେଷ୍ଠ ପଥରେ ଅଗ୍ରସର ହୁଏ । ସାଧାରଣତଃ ଆମର ବିଚାର ସଂସ୍କାର ଓ ପରିବେଶ ଅନୁରୂପ ନିର୍ମିତ ହେବାକୁ ବିବଶ ହୋଇଥାଏ, ଯେଉଁ କାରଣରୁ ବିଚାରଗୁଡିକର ଦିଶା ଟଳମଳ ସ୍ଥିତିରେ ରହେ, କିନ୍ତୁ ମହାପୁରୁଷଙ୍କ ସତସଙ୍ଗ ମିଳିଲେ ବା ସେମାନଙ୍କ ରଚିତ ସାହିତ୍ୟର ସ୍ୱାଧାୟ କଲେ ବିଚାର ଗୁଡିକର ଦିଶା ଓଲଟି ଯାଏ । ଏମାନଙ୍କ ଉର୍ଦ୍ଧ୍ୱଗାମୀ ବ୍ୟକ୍ତିତ୍ୱ ଏବଂ ବିଚାରଗୁଡିକ ସହିତ ବ୍ୟକ୍ତିର ବିବେକ ବୁଦ୍ଧି ଜାଗ୍ରତ ହୋଇଥାଏ ,ମନକୁ ଆବଶ୍ୟକ ବୌଦ୍ଧିକ ଓ ଆତ୍ମିକ ଆହାର ମିଳିଥାଏ ଏବଂଏହାରି ଅନୁରୂପ ସତତ ଚିନ୍ତନ, ମନନ ଓ ନିଦିଧାସନ ହେଲେ ଜୀବନ ଉତ୍କୃଷ୍ଟତାର ପଥରେ ଆଗକୁ ବଢ଼ିଥାଏ । ଏଣୁ ବିଚାରଗୁଡିକୁ ଉଚ୍ଚତର ଦିଶା ଦେବା ପାଇଁ ଜୀବନରେ ଆଧାତ୍ମିକ ଲକ୍ଷ୍ୟ ଓ ଆଦର୍ଶ ରହିବା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ।

## ସୁଷମ ଖାଦ୍ୟ ଓ ରକ୍ତ ସଞ୍ଚାଳନ

**ଆମ** ଶରରୀର ରକ୍ତ ସଞ୍ଚାଳନ ଠିକ୍ ହେବାର ଦରକାର । ନ ହେଲେ ହାର୍ଟ ଆଟାକ ଏବଂ ବ୍ଲଡପ୍ରେସର ପରି କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାର ଏହା କାରଣ ସାଜିଥାଏ । ଏହାର ଏକ ସରଳ ତଥା ସହଜ ଉପାୟ ରହିଛି, ତାହା ପୁଣି ହାତ ପାଆନ୍ତାରେ । ଯଦି ଜଣେ ବ୍ୟକ୍ତି ତାଙ୍କର ଦୈନନ୍ଦିନ ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟ ସାମିଲ କରନ୍ତି ତେବେ ତାହା ଶରୀର ପାଇଁ ବେଶ୍ ଉପକାରୀ । ଅନ୍ୟପକ୍ଷରେ ଏହାଦ୍ୱାରା ଆମ ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବରେ ହୋଇଥାଏ । ରକ୍ତ ସଞ୍ଚାଳନଜନିତ ସମସ୍ୟା ସହ ଜଡିତ କିଛି ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରି ସେମାନଙ୍କୁ ନିୟମିତ ସୁଷମ ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥିଲେ ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞମାନେ । ଏହାବ୍ୟତୀତ ନିୟମିତ ସମୟ ଅନ୍ତରାଳରେ ଏଭଳି ଖାଦ୍ୟର କି ପ୍ରକାର ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ନିରୀକ୍ଷଣ କରାଯାଇଥିଲା । ପରିଶେଷରେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧରୁ ପ୍ରାୟ ଅର୍ଦ୍ଧାଧିକ ବ୍ୟକ୍ତି ରକ୍ତ ସଞ୍ଚାଳନଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରୁଥିବାର ଜଣାପଡିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## ଟିକିଏ ହସନ୍ତୁ

କର୍ମଚାରୀ : ସାର୍ ଆପଣଙ୍କ ଦେହକୁ ସାର୍ଟଟା ଭଲ ମାନୁଛି ।
ମ୍ୟାନେଜର : ଛୁଟି ମିଳବ ନାହିଁ ।
କର୍ମଚାରୀ : ସାର୍ କେବଳ ସାର୍ଟ୍ ଭଲ ଲାଗୁଛି । ହେଲେ ମୁହଁ ଯେମିତିକୁ ସେମିତି ।

× × × ×

ମହିଳା : ଡାକ୍ତର ବାବୁ ମୋ ସ୍ୱାମୀ ନିଦରେ କଥା ହେଉଛନ୍ତି ।
ଡକ୍ଟର : ତାଙ୍କୁ ଦିନରେ କଥା କହିବାର ସୁଯୋଗ ଦିଅ ।

× × ×

ସ୍ୱାମୀ : କେଉଁ ଆଡେ ଯାଇଥିଲ ?
ସ୍ତ୍ରୀ : ରକ୍ତଦାନ କେନ୍ଦ୍ରକୁ ।
ସ୍ୱାମୀ : ମୋ ରକ୍ତ ପିଇ ଓଭରଫ୍ଲୋ ହୋଇଗଲାଣି ଏବେ ବିକ୍ରି କରିବାକୁ ଯାଉଛ ।

× × × ×

ସ୍ତ୍ରୀ : କେବଳ ମୋ ପାଇଁ ପାନ କାଇଁ ଆଣୁଛ । ତୁମ ପାଇଁ ବି ନେଇ ଆସ ।
ସ୍ୱାମୀ : ମୁଁ ବିନା ପାନରେ ଚୁପ୍ ରହିପାରିବି ।



× × × ×

ପିଣ୍ଟୁ : ସାଙ୍ଗ ମୋର ବାହା ହେବାକୁ ଜମାରୁ ଇଚ୍ଛା ନାହିଁ । କାହିଁକି ନା ମତେ ସବୁ ଝିଅଙ୍କୁ ଡର ଲାଗୁଛି ।
ଚିଣ୍ଟୁ : ବାହା ହେଇଯାଆ ତା’ପରେ ଗୋଟିଏ ଝିଅକୁ ଡର ଲାଗିବ ।

× × × × × ×

ସ୍ତ୍ରୀ : ଯଦି କେହି ମହିଳା ତୁମକୁ ଫ୍ଲାଇଙ୍ଗ୍ କିସ୍ ଦେବ । ତୁମେ କେମିତି ଅନୁଭବ କରିବ ?
ସ୍ୱାମୀ : ଏମିତି ମହିଳାଙ୍କୁ ମୁଁ ଘୃଣା କରେ, ଯିଏକି ଏତେ ଅଳସୁଆ ।

× × × × ×

ବାପା : ଏଥର ପରୀକ୍ଷାରେ ୯୦ ପ୍ରତିଶତ ନମ୍ବର ଆଣିବୁ ।
ମୋନୁ : ନାଇଁ ବାପା ୧୦୦ ପ୍ରତିଶତ ଆଣିବି ।
ବାପା : କ’ଣ ଥଟ୍ଟା କରୁଛୁ ?
ମୋନୁ : ଆରମ୍ଭ ତ ଆପଣ କରିଥିଲେ ।

ବର୍ଷ ୨୬, ସଂଖ୍ୟା- ୩୦, ୨୪ - ୩୦ ଜୁଲାଇ ୨୦୨୨

# ଅପରାଧ କମିବା ସ୍ଥାନରେ ବଢୁଛି

ଗାଁଠୁ ସହର, ଦେଶଠୁ ବିଦେଶ, ସବୁଠି ଦିନକୁ ଦିନ ବଢ଼ିଚାଲିଛି ଅପରାଧ, ଦୁର୍ନୀତି, କଳାବଜାର । ସରକାର ଯେତେ ବି କଡ଼ା କାର୍ଯ୍ୟାନୁଷ୍ଠାନ ନେଲେ ଅପରାଧ କମିବା ବଦଳରେ ଦ୍ରୁତ ଗତିରେ ବଢ଼ିଚାଲିଛି । ଘର ବାହାରେ ହେଉ କି ଭିତରେ ସବୁଠି କାୟା ମେଲେଇ ଚାଲିଛି ଅପରାଧ । ଅପରାଧ ରୋକିବାକୁ ସରକାରୀ ସ୍ତରରେ ଅନେକ ନୀତି ନିୟମ ହେଉଛି ସତ, କିନ୍ତୁ ତାହା କେବଳ ଧର୍ମକୁ ଆଖିଠାର ସଦୃଶ । ନିଶା କାରବାର ହେଉ କି ଚୋରି ଡକାୟତି ଏ ସବୁଥିରେ ଯେତେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତା'ର କିଛି ପ୍ରଭାବ ପଡୁନି । ଏଠି ସଚେତନତା ଅଭାବର ଆଳ ଦେଖେଇ ଜନତାଠୁ ସରକାର ସବୁ ଚୁପ୍ ହୋଇ ଖସି ଯାଉଛନ୍ତି ।

ପ୍ରକୃତରେ ଏହାର ବିକଳ୍ପ କେଉଁଠି ଅଛି ଖୋଜିବାକୁ କାହା ପାଖେ ସମୟ ନାହିଁ କି ଚେଷ୍ଟା ନାହିଁ । ଅନେକ ଘଟଣା ଦେଖିବାକୁ ମିଳିଛି ଜନତାଙ୍କ ରକ୍ଷକ ନିଜେ ଭକ୍ଷକ ସାଜି ଶେଷରେ ଆଇନକାନୁନ ଦ୍ୱାରା ସଜା ପାଇଛି, ଆଉ କେତେକ ଅର୍ଥ ବଳରେ ଖସି ବି ଯାଉଛନ୍ତି । ଦୋଷ କାହାର ? ଯେଉଁଠି ଜନତାଙ୍କ ଦ୍ୱାରା ନିର୍ବାଚିତ ହୋଇ ଦୁର୍ନୀତିରେ ବୁଡ଼ି ରହି ନିଜକୁ ସୁରକ୍ଷିତ କରିବା ପାଇଁ ଅପରାଧ ଘଟାଉଛି, ଅର୍ଥ ଲୋଭରେ କଳା ବଜାରକାରୀଙ୍କୁ ପୋଲିସ ନିଜେ ସହଯୋଗ କରୁଛି, ସମ୍ବିଧାନର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧମ ବି ଏଥିରୁ ବାଦ୍‌ପଡ଼ିନି ଓ ସମସ୍ତେ ନିଜ ହିତ ସ୍ୱାର୍ଥରେ ଲିପ୍ତ, କିଏ ବା କାହିଁକି ଅନ୍ୟ ପାଇଁ ହେଉ କି ସମାଜର ହିତ ଚିନ୍ତା କରିବ ! କିନ୍ତୁ ହଁ ଏ ସ୍ୱାର୍ଥପର ଦୁନିଆରେ କିଛି ଭଲ ଲୋକ ଅଛନ୍ତି ଯେଉଁଥି ପାଇଁ କି ଆଜି ଏ ଦୁନିଆ ବିଶ୍ୱାସର ସହ ବଞ୍ଚିଛି ।

ଅପରାଧକୁ ରୋକିବା ପାଇଁ ବିଚାର ବିଭାଗ ରହିଛି ଏବଂ ସେଥିରେ ଅନେକ ନିୟମକାନୁନ ଅଛି । ଅପରାଧ ଅନୁଯାୟୀ ବିଭିନ୍ନ ପ୍ରକାର ଦଫା ଅଛି ଏବଂ ଦଫା ଅନୁସାରେ ଦଣ୍ଡ ବି, କିନ୍ତୁ ସେଇ କାନୁନ କଚେରି ଭିତରେ ଅନେକ ଗଳାବାଟ ଅଛି, ଯେଉଁ ବାଟ ଦେଇ ଅପରାଧୀ ଦଣ୍ଡରୁ ମୁକ୍ତ ହୋଇ ଖଲାସ ହେଉଛନ୍ତି । ନ୍ୟାୟ ଅପେକ୍ଷାରେ ଅନେକ ମାଟିରେ ମିଶି ଗଲେଣି । ଏଠି କହିବ କାହାକୁ ଶୁଣିବ କିଏ, ଶୁଣିଲାବାଲା ତ କାଉ, କୋଇଲିର ଗପ ଶୁଣାଏ । ନୀତିନିୟମରେ ଏମିତି ଅନେକ ବ୍ୟତିକ୍ରମ ଦେଖିବାକୁ ମିଳିଛି ।

ଯଦି କରୋନା ସଂକ୍ରମଣ ସମୟରେ କୋଟି କୋଟି ଲୋକଙ୍କ ଭିତରେ ସଂକ୍ରମିତ ରୋଗୀକୁ ଠାବ କରାଯାଇ ପାରୁଛି, ତାହାହେଲେ ଅପରାଧୀକୁ କାହିଁକି ଧରାଯାଇ ପାରିବନି ? ଏତେବଡ଼ ବିପଦକୁ ଯଦି ଚତୁରତା ସହ ମୁକାବିଲା କରିପାରୁଛି ତାହାହେଲେ ଅପରାଧକୁ କାହିଁକି ଅଟକାଇ ପାରିବନି ? ସଚେତନ ଦ୍ୱାରା କୋଟି କୋଟି ଜନତାଙ୍କୁ ଆୟତ୍ତ କରିପାରିଲ କିନ୍ତୁ ସେଇ ସଚେତନ ଦ୍ୱାରା ଅପରାଧକୁ କାହିଁକି ଆୟତ୍ତ କରାଯାଇ ପାରୁନାହିଁ । ଆଉ କିଛି ବି କାରଣ ନାହିଁ, କେବଳ ଆନ୍ତରିକତାର ଅଭାବ, ଯେଉଁଥିପାଇଁ ଏ ସମାଜ ଅପରାଧର କଳାବାଦଲରେ ଢାଙ୍କି ହୋଇଗଲାଣି ।

ନୀତିନିୟମ ଲାଗୁ କରିଦେଲେ ଅପରାଧ ବନ୍ଦ ହୋଇଯାଏନା, ତତ୍ପରତା ଦେଖେଇବା ଦରକାର । କିଛି ନିୟମକାନୁନ ବଦଳିବା ଦରକାର, ଯେମିତି କି ସାମାନ୍ୟ ଅପରାଧ ପାଇଁ ହାଲୁକା ଦଣ୍ଡ ବଦଳରେ କଠୋର ଦଣ୍ଡ ଦିଆଯାଉ । କାରଣ ଗୋଟେ ଅପରାଧୀ ଏକାଥରେ ବଡ଼ ଅପରାଧ କରି ନ ଥାଏ । ଛୋଟମୋଟ ଅପରାଧ କରୁ କରୁ ବଡ଼ ଅପରାଧ କରିବସେ, ଛୋଟ ଅପରାଧ କରି ଅଳ୍ପ ଦଣ୍ଡରେ ମୁକୁଳିବା ପରେ ଦେହସୁହା ହୋଇଯାଏ ଏବଂ ପୁଣି ସେ ନିର୍ଭୟରେ ବାରମ୍ବାର ଅପରାଧ କରିଚାଲେ । ଯେମିତି କି ଚୋରି, ଲାଞ୍ଚ, ଦୁର୍ନୀତି, କଳାବଜାର ଭଳି ପେସାଦାର ଅପରାଧୀଙ୍କ ସଂଖ୍ୟା ଶତକଡା ୯୦ଭାଗ । ତେଣୁ ପ୍ରଥମ ଅପରାଧରୁ ଯଦି ବଡ଼ ଦଣ୍ଡ ମିଳେ ତାହାହେଲେ ସେ ଅପରାଧୀର ପୁନର୍ବାର ସାହସ ହେବନି କି ଅନ୍ୟମାନେ ବି ଅପରାଧ କରିବାକୁ ସାହସ କରିବେ ନାହିଁ । ସେ ଚୋରି ହେଉ କି ହତ୍ୟା ହେଉ କି ଦୁର୍ନୀତି ହେଉ । ପ୍ରଥମ ଅପରାଧ କଲେ ଦୃଷ୍ଟାନ୍ତମୂଳକ ଦଣ୍ଡରେ ଦଣ୍ଡିତ କରାଯାଉ । ଅପରାଧ ମାନେ ଅପରାଧ । ସେ ଯେକୌଣସି ପ୍ରକାର ଅପରାଧ ହେଉ ପଛକେ, ଛୋଟ ହେଉ ବା ବଡ଼ । ୧୦ ଟଙ୍କା ଚୋରି ହେଉ କି ଦୁର୍ନୀତି କଲେ ତା'ର ୧୦ଗୁଣା ଅର୍ଥ ଆଦାୟ କରାଯାଉ, କଳାବଜାର କଲେ କଠିନ କାରାଦଣ୍ଡରେ ଦଣ୍ଡିତ କରାଯାଉ, ବିନା କାରଣରେ ଆକ୍ରମଣ କଲେ ହତ୍ୟାକାଣ୍ଡର ଦଫା ଲଗାଇ ଦଣ୍ଡିତ କରାଯାଉ । ତତ୍‌ସହିତ ନିୟମକାନୁନ ସ୍ୱଚ୍ଛଳ ରହିବା ନିହାତି ଜରୁରୀ । ପ୍ରଥମ ଅପରାଧ ଉପରେ ଯଦି କଡ଼ା ଏବଂ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଏ ତେବେ ଅପରାଧ ଦୁନିଆରେ ପାଦ ଥାପିବାକୁ ଅନ୍ୟମାନେ ଭୟଭୀତ ହେବେ, ତେବେ ହିଁ ଅପରାଧକୁ ରୋକାଯାଇ ପାରିବ ।

# ପ୍ରଜାତିବାଦର ଦୂରୀକରଣ

## ମହାତ୍ମା ଗାନ୍ଧୀ



ପ୍ରଜାତିଗତ ବୈଷମ୍ୟକୁ ଅବଶ୍ୟ ଦୂର କରିବାକୁ ହେବ ବୋଲି ଯେଉଁମାନେ ସମ୍ମତ ହୁଅନ୍ତି, ମାତ୍ର ସେହି ମନ୍ଦଟି ସହିତ ଲଢ଼ିବାପାଇଁ ଆଦୌ କିଛି କରନ୍ତି ନାହିଁ, ମୁଁ ସେମାନଙ୍କ ବିଷୟରେ ଆଦୌ କିଛି କହିପାରିବି ନାହିଁ । ଅସଲ ସତ୍ୟ ହେଉଛି, ଯେଉଁମାନେ ତରଳ ରହିଛନ୍ତି, ସେମାନଙ୍କୁ ନିଜେ ନିଜର ମୁକ୍ତି ହାସଲ କରିବାକୁ ହେବ ।... ଏହାର ସମାଧାନ ମୁଖ୍ୟତଃ ଭାରତବର୍ଷ ପାଖରେ ରହିଛି । ଭାରତବର୍ଷରେ ଆଭ୍ୟନ୍ତରୀଣ କ୍ଷେତ୍ରରେ ଯଦି ସବୁକଥା ଉଚିତ ପ୍ରକାରେ ରହନ୍ତା, ତେବେ ପୃଥିବୀର ପରିସ୍ଥିତିଗୁଡ଼ିକୁ ସିଧା କରି ଆଣିବାରେ ତା'ର ଏକ ଫଳପ୍ରଦ ଅଂଶ ଗ୍ରହଣ କରିବାର ସମ୍ଭାବନା ଅବଶ୍ୟ ରହନ୍ତା । ଦକ୍ଷିଣ ଆଫ୍ରିକାର ଭାରତୀୟମାନଙ୍କ ବିବାଦକୁ ନ୍ୟାୟପୂର୍ଣ୍ଣଭାବରେ ସାମନା କରିବାରେ ଯଦି ମିଳିତ ଜାତିସଂଘ ବିଫଳ ହୁଏ, ତେବେ ସିଏ ନିଜର ସମ୍ମାନ ହରାଇବସିବ, କେବଳ ନ୍ୟାୟର ପକ୍ଷରେ ରହିଲେ ଯାଇ ଯେ ମିଳିତ ଜାତିସଂଘ ଆପଣାକୁ ସମୃଦ୍ଧ କରିପାରିବେ, ମୋ'ର ସେଥିରେ କୌଣସି ସନ୍ଦେହ ନାହିଁ ।

ଏହି ବହୁ ବର୍ଷ ଧରି ଅନ୍ତରବଲୋକନ କରିବା ପରେ ମଧ ମୁଁ ଅନୁଭବ କରୁଛି ଯେ, ସେତେବେଳେ ମୁଁ ନିଜକୁ ଯେଉଁ ପରିସ୍ଥିତିରେ ରହିଥିବାର ଦେଖି ପାରୁଥିଲି, ବୁଅର୍ ଯୁଦ୍ଧ ଓ ଇଉରୋପୀୟ ମହାଯୁଦ୍ଧ ଏବଂ ତା' ସହିତ ୧୯୦୬ ମସିହାରେ ନେଟାଲ୍‌ରେ ଲାଗିଥିବା ତଥାକଥିତ ଜୁଲୁ ବିଦ୍ରୋହ ସମୟରେ ମଧ ମୁଁ ଯେଉଁ ନୀତି ଗ୍ରହଣ କରିଥିଲି, ସେହି ନୀତି ଗ୍ରହଣ କରିବାକୁ ମୁଁ ବାଧ ହିଁ ହୋଇଥିଲି । ଏହି ଜୀବନ ଏକାବେଳେକେ ବହୁତ, ବହୁସଂଖ୍ୟକ କାରଣଶକ୍ତି ଦ୍ୱାରା ପରିଚାଳିତ ହେଉଥାଏ । ଯଦି ଏପରି କିଛି ସାଧାରଣ ନୀତି ରହିଥାନ୍ତା ଓ ଏପରି ସ୍ପଷ୍ଟ ହୋଇ ରହିଥାନ୍ତା ଯେ, ତାହା ବିଷୟରେ ଗୋଟାଏ କ୍ଷଣ ଚିନ୍ତା କରିବାକୁ ମଧ ପଡୁ ନଥାନ୍ତା, ତେବେ ନିଜର କର୍ମଗୁଡ଼ିକର ଧାରାକୁ ଅତି ସହଜରେ ନିର୍ଦ୍ଧାରିତ କରିଦେଇ ହୁଅନ୍ତା ଏବଂ ତାହାହେଲେ ଜୀବନ କେଡ଼େ ସାବଲୀଳଭାବରେ ବହି ଯାଉଥାନ୍ତା । ମାତ୍ର, ମୁଁ ତ ମୋ' ଜୀବନର ଗୋଟିଏ ଏପରି କାର୍ଯ୍ୟର ମଧ ସ୍ମରଣ କରିପାରୁ ନାହିଁ, ଯାହାକୁ କି ଏଡ଼େ ସହଜରେ ନିର୍ଦ୍ଧାରିତ କରି ଦିଆଯାଇ ପାରିଥାନ୍ତା ।

ଯୁଦ୍ଧର ଜଣେ ପକ୍କା ବିରୋଧୀ ହିସାବରେ, ଏକାଧିକ ସୁଯୋଗ ଆସି ପହଞ୍ଚିଲେ ମଧ ମୁଁ କେବେହେଲେ ଧ୍ୱଂସକାରୀ ଅସ୍ତ୍ରଗୁଡ଼ିକର ବ୍ୟବହାର ବିଷୟରେ କୌଣସି ପ୍ରଶିକ୍ଷଣ ଗ୍ରହଣ କରିନାହିଁ । ସମ୍ଭବତଃ ଏହିପରିଭାବରେ ହିଁ ମୁଁ ମନୁଷ୍ୟ ଜୀବନର ପ୍ରତ୍ୟକ୍ଷ ବିନାଶ ସାଧନରେ ଭାଗୀ ହେବାରୁ ନିଜକୁ ବାହାରେ ରଖୁଛି । ମାତ୍ର, ଯେ ପର୍ଯ୍ୟନ୍ତ ମୁଁ ବଳ ଉପରେ ଆଧାରିତ ଏକ ରାଷ୍ଟ୍ରବ୍ୟବସ୍ଥାର ଅଧୀନରେ ବାସ କରୁଥିଲି ଓ ସିଏ ମୋ'ପାଇ ଖଞ୍ଜି ଦେଇଥିବା ବହୁତ ସୁବିଧାଗୁଡ଼ିକୁ ସ୍ୱଇଚ୍ଛାରେ ଭୋଗ କରୁଥିଲି, ସେ ପର୍ଯ୍ୟନ୍ତ ରାଷ୍ଟ୍ର ବା ସରକାର ଏକ ଯୁଦ୍ଧରେ ଲିପ୍ତ ହୋଇ ରହିଥିବା ସମୟରେ ତାହାକୁ ନିଜର ସାମର୍ଥ୍ୟ ଅନୁସାରେ ସାହାଯ୍ୟ କରିବାକୁ ମୁଁ ଅବଶ୍ୟ ବାଧ ହୋଇ ରହିଥିଲି । ଅବଶ୍ୟ, ଯଦି ସେହି ସରକାର ସହିତ ମୁଁ ଅସହଯୋଗ କରିଥାନ୍ତି ଏବଂ ତାହା ତରଫରୁ ମୋତେ ମିଳୁଥିବା ସୁବିଧାଗୁଡ଼ିକୁ ମୋ'ର ଯଥାଶକ୍ତି ପରିତ୍ୟାଗ କରି ପାରିଥାନ୍ତି, ତେବେ ତାହା ଅବଶ୍ୟ ଏକ ଅନ୍ୟ କଥା ହୋଇଥାନ୍ତା । ଗୋଟିଏ ଉଦାହରଣ ଦେଉଛି । ମନେ କରାଯାଉ ଯେ, ମୁଁ ଏପରି ଏକ ଅନୁଷ୍ଠାନର ଜଣେ ସଦସ୍ୟ, ଯାହାର କେତେ ଏକରର ଚାଷଜମି ରହିଛି ଏବଂ ସେହି ଜମିର ଶସ୍ୟକୁ ମାଙ୍କଡ଼ ଖାଇଯିବେ ବୋଲି ଏକ ଆସନ୍ନ ବିପଦ ରହିଛି । ମୁଁ ସକଳ ଜୀବନର ପବିତ୍ରତାରେ ବିଶ୍ୱାସ କରେ ଓ ତେଣୁ, ମାଙ୍କଡ଼ମାନଙ୍କର କ୍ଷତି ହେଲାଭଳି କିଛି କରିବାକୁ ଅହିଂସାର ଖିଲାପ କରିବା ବୋଲି ମନେ କରିଥାଏ । ମାତ୍ର, ଶସ୍ୟଗୁଡ଼ିକୁ ରକ୍ଷା କରିବା ନିମନ୍ତେ ମାଙ୍କଡ଼ମାନଙ୍କ ଉପରେ ଆକ୍ରମଣ କରିବା ପାଇଁ ଆବଶ୍ୟକ ପ୍ରୋତ୍ସାହନ ଏବଂ ନିର୍ଦ୍ଦେଶନା ଦେବାକୁ ମୁଁ କୌଣସି କୁଣ୍ଠାବୋଧ କରୁନାହିଁ । ଏପରି ଏକ ମନ୍ଦ କାର୍ଯ୍ୟ କରିବାକୁ ନପଡ଼ିଲେ ଭଲ ହୁଅନ୍ତା ବୋଲି ମୁଁ ଅନୁଭବ କରୁଛି । ଅନୁଷ୍ଠାନରୁ ବାହାରି ଆସି କିମ୍ବା ଅନୁଷ୍ଠାନଟିକୁ ଭାଙ୍ଗିଦେଇ ମୁଁ ତାହା ଅବଶ୍ୟ କରିପାରନ୍ତି । ମୁଁ ସେପରି କରୁନାହିଁ, କାରଣ, ମୁଁ ଏପରି କୌଣସି ସମିତି ସମ୍ଭବତଃ କଦାପି ପାଇବିନାହିଁ, ଯେଉଁଠାରେ କି କୃଷି ନଥିବ ଏବଂ ତେଣୁ କୌଣସି ଜୀବନର ବିନାଶ କରିବାକୁ ପଡୁ ନ ଥିବ । ଭୟରେ ଏବଂ ତ୍ରାସରେ, ବିନୟରେ ତଥା ପ୍ରାୟଶ୍ଚିତ୍ତ କଲାପରି ମୁଁ ତେଣୁ ମାଙ୍କଡ଼ମାନଙ୍କ ପ୍ରତି କରା ଯାଉଥିବା କ୍ଷତିଟିରେ ଅଂଶ ଗ୍ରହଣ କରୁଛି । ହୁଏତ କେଉଁଦିନ କୌଣସି ଯଥାର୍ଥ ସମାଧାନ ମିଳିଯିବ ବୋଲି ଆଶା କରୁଛି ।

ଏହିପରିଭାବରେ ହିଁ ତିନୋଟିଯାକ ସମରକାର୍ଯ୍ୟରେ ଭାଗ ନେଇଥିଲି । ମୁଁ ଆଉ ଅନ୍ୟ ପ୍ରକାରେ କିଛି କରିପାରିଲି ନାହିଁ; କାରଣ, ମୁଁ ଯେଉଁ ସମାଜର ସଦସ୍ୟ ହୋଇ ରହିଛି ତା'ଠାରୁ ମୋ'ର ସମସ୍ତ ସମ୍ପର୍କ ତୁଟାଇଦେବା ପ୍ରକୃତରେ ଏକ ପାଗଳାମି ହୋଇଥାନ୍ତା ଏବଂ ଏହି ତିନୋଟିଯାକ ଅବସରରେ ବ୍ରିଟିଶ୍ ସରକାର ସହିତ ଅସହଯୋଗ କରିବା ବିଷୟରେ ମୋ' ଭିତରେ ଆଦୌ କୌଣସି ଭାବନା ନଥିଲା । ସେହି ସରକାର ବିଷୟରେ ମୋ'ର ଦୃଷ୍ଟିକୋଣ ଏବେ ସମ୍ପୂର୍ଣ୍ଣଭାବରେ ବଦଳିଯାଇଛି ଏବଂ ତେଣୁ ବର୍ତ୍ତମାନ ତା'ର ଯୁଦ୍ଧଗୁଡ଼ିକରେ ମୁଁ ସ୍ୱେଚ୍ଛାପ୍ରେରିତ ହୋଇ ଆଦୌ ଭାଗନେବାକୁ ଯିବିନାହିଁ । ଯଦି ମୋତେ ଅସ୍ତ୍ରଧାରଣ କରିବାକୁ ବାଧ କରାଯିବ କିମ୍ବା ତା'ର ସାମରିକ କାର୍ଯ୍ୟକ୍ରମଗୁଡ଼ିକରେ ଭାଗ ନେବାକୁ କୁହାଯିବ, ତେବେ ମୁଁ ହୁଏତ ବରଂ କାରାବରଣ କରିବି ଓ ଏପରିକି ଫାଶୀଖୁଣ୍ଟ ପାଇଁ ମଧ ପ୍ରସ୍ତୁତ ହୋଇଯିବି ।

# ସୁସ୍ଥ ହୃତପିଣ୍ଡ ପାଇଁ ଦଲିଆ

ଦିନର ଆରମ୍ଭ ଯଦି ଗୋଟିଏ ଗିନା ଦଲିଆରୁ ଆରମ୍ଭ ହୁଏ, ତେବେ ହୃତପିଣ୍ଡ ସମ୍ପୂର୍ଣ୍ଣ ସୁସ୍ଥ ରହିଥାଏ । ବ୍ରିଟେନ ସ୍ଥିତ ନ୍ୟୁକ୍ୟାସଲ ୟୁନିଭର୍ସିଟିରେ ହୋଇଥିବା ଗବେଷଣାରୁ ଏହା ଜଣାପଡିଛି ।



ଗବେଷକମାନେ ମାନବ ସ୍ୱାସ୍ଥ୍ୟ ଉପରେ ନିୟମିତ ଖାଦ୍ୟର ସକାରାତ୍ମକ ପ୍ରଭାବ ଆକଳନ କରିବାକୁ ଯାଇ ଏହି ନିଷ୍କର୍ସରେ ପହଞ୍ଚିଛନ୍ତି । ଗବେଷକଙ୍କ ଅନୁସାରେ, ଦଲିଆ ଫାଇବର୍‌ର ଉତ୍ତମ ସ୍ରୋତ । ଏହି ଫାଇବର ପାକସ୍ଥଳୀରେ ଏକ ଗାଢ଼ ଜେଲ୍ ଆକାରର ରୂପ ନେଇଥାଏ । ଯାହା ପେଟକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପୁରିଲା ପୁରିଲା ଅନୁଭବ କରାଇଥାଏ । ଏହା ପାଚନ କ୍ରିୟାକୁ ସୁଚାରୁ ରୂପେ କାର୍ଯ୍ୟକ୍ଷମ କରିବା ସହ ଏନଜାଇମ ଉତ୍ପାଦନ ମଧ ବଢ଼ାଇଥାଏ । କେବଳ ସେତିକି ନୁହେଁ, ଏହା ବ୍ୟୁଟ୍ରିକ୍ ଏସିଡ୍ ସମେତ ଅନ୍ୟ ଅମ୍ଳର ନିର୍ମାଣ କରିଥାଏ । ରୋଗ ପ୍ରତିରୋଧକ ତନ୍ତ୍ରକୁ ମଜଭୁତ କରିବା ସହ ଭଲ ବ୍ୟାକ୍ଟେରିଆଙ୍କ ସଂଖ୍ୟା ବୃଦ୍ଧିକରେ । ତେବେ ଗବେଷକଙ୍କ ଅନୁସାରେ, ଦଲିଆରେ ଚିନି ପରିବର୍ତ୍ତେ ମହୁର ଉପଯୋଗ ସବୁଠୁ ଉତ୍ତମ ରହିବ ।

# ଅଦାର ଔଷଧୀୟ ଗୁଣ

ଆୟୁର୍ବେଦ ବିଭିନ୍ନ ପ୍ରକାରର ଔଷଧୀ ପ୍ରୟୋଜକ ପାଇଁ ଅଦାର ବ୍ୟବହାର କରିବାକୁ ପରାମର୍ଶ ଦେଇଥାଏ । କିନ୍ତୁ ସକାଳ ଜଳ ଖିଆରେ ଅଦା ଖାଇଲେ ଲାଭ ମିଳିଥାଏ । ସକାଳ ଜଳଖିଆ ଦିନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଭୋଜନ ହୋଇଥାଏ ଓ ଅଦା ପରି କିଛି ଜିନିଷ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ । ଏହା ଜଳଖିଆକୁ ଆହୁରି ସ୍ୱାଦିଷ୍ଟ ଓ ସୁସ୍ଥ କରିଥାଏ । ଅଦାର ସେବନ ପାଇଁ ଚା'ରେ ସାମିଲ କରିବା ସବୁଠାରୁ ସହଜ ଉପାୟ । କିନ୍ତୁ ଅଦାର ବ୍ୟବହାର ଆପଣ ଅନ୍ୟ ଉପାୟରେ ମଧ କରି ପାରିବେ ।

ଓଜନ ହ୍ରାସ: ଅଦା ଭୋକକୁ କଣ୍ଟ୍ରୋଲ କରିଥାଏ । ଯଦି ଆପଣ ସକାଳେ ଅଦା ଖାଉଛନ୍ତି ତେବେ ଏହା ଦ୍ୱାରା ଆପଣଙ୍କର ଖାଇବାର ଇଚ୍ଛା କମ୍ ହୋଇଯିବ । ଓଜନ କମ୍ କରିବା ପାଇଁ ସବୁଠାରୁ ଭଲ ଅଦା ମିଶ୍ରିତ ପାଣି ।

ପାଚନ ପ୍ରକ୍ରିୟା: ପ୍ରତ୍ୟେକ ଦିନ ଅଦା ମିଶ୍ରିତ ପାଣି ସକାଳେ ପିଇଲେ ଆପଣଙ୍କର ପାଚନ ତନ୍ତ୍ର ମଜଭୁତ ହେବ । ଏହା ଅପଚ, ମିଚଲୀ ଓ ହାର୍ଟବର୍ଣ୍ଣ ପରି କେତେକ ସମସ୍ୟାକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଏକ ଚାମଚ ଅଦାରସରେ ଏକ ଚାମଚ ପୋଦିନା ରସ, ଏକ ଚାମଚ ମହୁ ଓ ଲେମ୍ବୁରସ ମିଶାଇ ପିଇଲେ ଗର୍ଭାବସ୍ଥା ସମୟରେ ଲାଭ ମିଳିଥାଏ ।

କେଶ ଓ ସ୍କିନ୍ ପାଇଁ: ଅଦାରେ ଆଣ୍ଟି ଅକ୍ସିଡାଣ୍ଟ ଓ ଭିଟାମିନ୍ ଥାଏ, ଯାହା ସ୍କିନ୍‌ରେ ନାଚୁରାଲ ଗ୍ଲୋ କରାଇଥାଏ । ଅଦାରେ ଭିଟାମିନ୍ ଏ ଓ ସି'ର ଉପସ୍ଥିତି ନୂଆକେଶ ତିଆରି କରିବାରେ ସାହାଯ୍ୟ କରିଥାଏ । ଏହା ବ୍ୟତୀତ ଅଦାରେ ଆଣ୍ଟି



ବ୍ୟାକ୍ଟେରିଆଲ ଗୁଣ ଥାଏ ଯାହା ଅନେକ ସ୍କିନ୍ ସମସ୍ୟାକୁ ସମାଧାନ କରିଥାଏ ଓ ସ୍କିନକୁ ସୁରକ୍ଷା ଦେଇଥାଏ ।

କୋଲେଷ୍ଟ୍ରଲ ସ୍ତର: ଅଦା ଆପଣଙ୍କ କୋଲେଷ୍ଟ୍ରଲ ସ୍ତରକୁ ପ୍ରବନ୍ଧିତ କରିଥାଏ । ଖରାପ କୋଲେଷ୍ଟ୍ରୋଲର ବୃଦ୍ଧି ହେବା ଯୋଗୁଁ ବିଭିନ୍ନ ପୁରୁଣା ରୋଗର ବୃଦ୍ଧି ହୋଇଥାଏ । ଏହା ଆପଣଙ୍କ ହୃଦୟ ପାଇଁ ବହୁତ ଖରାପ । ଅଦା ଆପଣଙ୍କ ଏଲଡିଏଲ ସ୍ତରକୁ କମ୍ କରାଇବାରେ ସାହାଯ୍ୟ କରିଥାଏ । ଅଦାର ବ୍ୟବହାର ଚା', ଜାମ୍, ସୁପରେ କରି ପାରିବେ ।

# ହିତକାରୀ ତୁଳସୀ

ଶୀତଦିନେ ଆମକୁ ବେଶୀ ଥକ୍କା ଲାଗି ନ ଥିବାବେଳେ ଭୋକ ଭଲଭାବେ ହୋଇଥାଏ । ଖରାରେ ଆମେ ଅଧିକ ସମୟ ପର୍ଯ୍ୟନ୍ତ କାମ କରିପାରିବା ବେଳେ ଥଣ୍ଡା, ସର୍ଦ୍ଦିଜନିତ ରୋଗ ହେବାର ଆଶଙ୍କା ବଢ଼େ । ସଂକ୍ରମଣ ଜନିତ ରୋଗ ହେବାର ଆଶଙ୍କା ବଢ଼ିଥିବା ବେଳେ ଖାଦ୍ୟ ବିଶେଷଜ୍ଞଙ୍କ ପରାମର୍ଶରେ ଖାଦ୍ୟ ତାଲିକା ପ୍ରସ୍ତୁତ କରି ଖାଆନ୍ତୁ ।

ଥଣ୍ଡା ରୋଗରୁ ରକ୍ଷା ପାଇବା ନିମନ୍ତେ ଏଇଦିନେ ପ୍ରତ୍ୟହ ତୁଳସୀ ପତ୍ରର ଉପଯୋଗ କରିବା ଉଚିତ । ଏହା ଦ୍ୱାରା ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ।

ଖୁବ୍ ଜୋରରେ ମୁଣ୍ଡ ବିନ୍ଧୁଥିଲେ, କ୍ଷୀରରେ ତୁଳସୀ ପତ୍ର ଛେଚା ଓ ଚିମୁଟାଏ ହଳଦୀ ମିଶାଇ ପିଅନ୍ତୁ । ଏହି ପାନୀୟ ପିଇଲେ ଶରୀରକୁ ଆରାମ ମିଳିଥାଏ । ମାଇଗ୍ରେନଜନିତ ସମସ୍ୟା ଥିଲେ ତୁଳସୀ ରସ ଓ କ୍ଷୀରକୁ ଭଲଭାବେ ମିଶାଇ ପିଇଲେ ଲାଭ ମିଳେ । ନିୟମିତ ଏଇ ପାନୀୟ ପିଇବା ଦ୍ୱାରା ଖୁବ୍ କମ୍ ଦିନରେ



ମାଇଗ୍ରେନ ଜନିତ ସମସ୍ୟାରୁ ମୁକ୍ତି ମିଳେ ।

ମହୌଷଧି ତୁଳସୀ ପତ୍ରରେ ଅନେକ ଗୁଣ ଭରି ରହିଛି । ମାନସିକ ଚାପ, ଅବସାଦ ରୋଗରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତି ପ୍ରତ୍ୟହ ତୁଳସୀ ରସ ମିଶା କ୍ଷୀର ପିଇଲେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପଡିଥାଏ ।

ପୋଷକତତ୍ତ୍ୱ ଭରପୁର ତୁଳସୀ ପତ୍ର ଚୋବାଇ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ଭାଇରାଲ ଜ୍ୱର, ଥଣ୍ଡା ରୋଗରୁ ମଧ ରକ୍ଷା କରେ ।

ଓଜନକୁ ନିୟନ୍ତ୍ରଣ କରିବାକୁ ଚାହୁଁଥିଲେ ୨ ମାସ ପର୍ଯ୍ୟନ୍ତ ତୁଳସୀ ରସ ମିଶା କ୍ଷୀର ପିଇଲେ ଏହାର ଫରକ୍ ଜଣା ପଡିଥାଏ ।

# ସାଲାଡ୍ ଖାଇ ସୁସ୍ଥ ରୁହନ୍ତୁ

ଏବର ପିଢ଼ି ଡବା ଖାଦ୍ୟ, ପ୍ରୋସେସଡ ଫୁଡ୍ ଓ ଫାଷ୍ଟ ଫୁଡ୍ ମାୟାରେ ଏକରକମ ବାନ୍ଧି ହୋଇଯାଇଛନ୍ତି । ସବୁଜ ପନିପରିବା ତରକାରି, ଫଳମୂଳର ଆବଶ୍ୟକତା ତଥା ଉପକାରିତା ଜାଣିବା ସତ୍ତ୍ୱେ ଏହାକୁ ପ୍ରାଧାନ୍ୟ ଦିଆଯାଉ ନାହିଁ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ନିୟମିତ ଭାବେ ସେସବୁ ଖାଇବା ସହ ସାଲାଡ ଖାଇଲେ ଏକ ରୋଗମୁକ୍ତ ଜୀବନ ଅତିବାହିତ କରିପାରିବେ । ଆଜିକାଲି ରେଷ୍ଟୋରାଁ ଓ ବଡ଼ ହୋଟେଲରେ ସେଫମାନେ ବିଭିନ୍ନ ଆଧୁନିକ ପ୍ରଣାଳୀରେ ସାଲାଡ୍ ପ୍ରସ୍ତୁତ କରୁଛନ୍ତି । ସେସବୁ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇ ନ ଥାଏ ବୋଲି ପରୀକ୍ଷାରୁ ପ୍ରମାଣିତ ହୋଇଛି ।



ନିୟମିତ କାକୁଡି, ଟମାଟର ସାଲାଡ ଖାଇଲେ ତାହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଯୁବପିଢ଼ି ପ୍ରତ୍ୟହ ସାଲାଡ୍ ଖାଇବା ଖୁବ୍ ହିତକାରୀ ।

ରାତ୍ରି ଭୋଜନ ପରିବର୍ତ୍ତେ ଦିନ ଭୋଜନ ସମୟରେ ସାଲାଡ୍ ଖାଇବା ଭଲ । ବିଶେଷଜ୍ଞଙ୍କ ମତରେ ଆମେ ଦିନବେଳା ଆବଶ୍ୟକତା ଠାରୁ ଅଧିକ ପରିମାଣରେ ଖାଇଥାଉ । ଏଣୁ ଭୋଜନ ପୂର୍ବରୁ ସାଲାଡ ଖାଇଲେ ତାହା ଅଧିକ ଭୋଜନକୁ ନିୟନ୍ତ୍ରଣ କରେ । ସାଲାଡରେ ଲେମ୍ବୁ ରସ ଓ ଲୁଣ ମିଶାଇପାରିବେ । ଏବର ଷ୍ଟାଇଲିଶ୍ ସାଲାଡରେ ଟମାଟୋ ସସ୍ ଓ ମାୟୋନିଜ୍ ବ୍ୟବହାର କରାଯାଉଛି, ତାହା କିନ୍ତୁ ସ୍ୱାସ୍ଥ୍ୟ ପାଇଁ ହାନିକାରକ ।

ଫ୍ରିଜରେ ରଖି ପରେ ସାଲାଡ ଖାଇଲେ ତାହା ପେଟ ସମସ୍ୟା କରେ । ଅନ୍ୟ ଏକ କଥା ମନେ ରଖନ୍ତୁ, କେବଳ ସନ୍ଧ୍ୟା ସମୟରେ ହିଁ ଫଳ ସାଲାଡ୍ ଖାଇବା ହିତକାରୀ । ଦ୍ୱିପହର ଭୋଜନ କିମ୍ବା ରାତ୍ରି ଭୋଜନ ସମୟରେ ଫଳ ସାଲାଡ୍ ଖାଇଲେ ତାହା ଭଲଭାବେ ହଜମ ହୋଇ ନ ଥାଏ ।

# ଓଜନ ହ୍ରାସ ଲାଗି ଆହାର

ଆମେରିକାର ସେଣ୍ଟର କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଓଜନ ହ୍ରାସ ପାଇଁ ଶାରୀରିକ ବ୍ୟାୟାମ ତୁଳନାରେ ଉପଯୁକ୍ତ ଏବଂ ସନ୍ତୁଳିତ ଆହାର ମହତ୍ତ୍ୱପୂର୍ଣ୍ଣ ହୋଇଥାଏ । କୁହାଯାଇଛି ଯେ, ଖାଦ୍ୟ ହଜମ ପ୍ରକ୍ରିୟାରେ ୧୦ ପ୍ରତିଶତ କ୍ୟାଲୋରୀ ନଷ୍ଟ ହେବାବେଳେ ବ୍ୟାୟାମ ଦ୍ୱାରା ୫-୧୫ ପ୍ରତିଶତ କ୍ୟାଲୋରୀ ନଷ୍ଟ ହୋଇଥାଏ । କିନ୍ତୁ ତାହାର ଅର୍ଥ ନୁହେଁ ଯେ, ବ୍ୟାୟାମ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଅଧ୍ୟୟନ ମୁତାବକ ବ୍ୟାୟାମ ତୁଳନାରେ ଅପେକ୍ଷାକୃତ ଭାବେ ସନ୍ତୁଳିତ ଆହାର ଉତ୍ତମ ସ୍ୱାସ୍ଥ୍ୟ କାରକ । ଓଜନ ହ୍ରାସ ନିମନ୍ତେ ଉଦ୍ଦିଷ୍ଟ ଆହାର ଗୁଡିକ ହେଲା ଛତୁଆ, ଭେଜିଟେବଲ ସୁପ୍, ଅଣ୍ଡା, ମକା, ସତେଜ ଫଳ । ଏହା ଓଜନ ହ୍ରାସ ଲାଗି ସନ୍ତୁଳିତ ଆହାର, ଯେଉଁଥିରେ ପ୍ରଚୁର ପରିମାଣରେ ପ୍ରୋଟିନ୍, କ୍ୟାଲସିୟମ, ଫାଇବର, ମିନେରାଲ, ଭିଟାମିନ୍ ରହିଥାଏ । ଏଣୁ ନିତିଦିନ ଉପଯୁକ୍ତ ଅନୁପାତରେ ଏହାକୁ ଖାଆନ୍ତୁ ଏବଂ ଓଜନ କମାନ୍ତୁ ।

# ଦେହ ପାଇଁ ଭଲ କିସ୍‌ମିସ୍

କିସ୍‌ମିସ୍ ଦେହ ପାଇଁ ଅତ୍ୟନ୍ତ ଉପକାରୀ । ଏହା ଯେତିକି ସ୍ୱାଦିଷ୍ଟ ସେତିକି ଗୁଣକାରୀ । ଏଥିରେ ଲୌହ, ଫାଇବର, ଭିଟାମିନ୍ ସହିତ ବିଟା କ୍ୟାରୋଟିନ ଓ ଏ କେରୋଟିନାଇଡ ପରି କିଛି ଜରୁରୀ ତତ୍ତ୍ୱ ପ୍ରଚୁର ପରିମାଣରେ ରହିଥାଏ ।

ଭୋକ ହେଉ ନ ଥିଲେ ଅଳ୍ପ କିଛି କିସମିସ୍ ଚୋବେଇ ଖାଆନ୍ତୁ । ଭୋକ ଲାଗିବ ।

ଏଥିରେ ପ୍ରଚୁର ପରିମାଣର ଲୌହ ଥାଏ, ତେଣୁ ରକ୍ତହୀନତା ଭୋଗୁଥିବା ବ୍ୟକ୍ତି ନିର୍ଦ୍ଧାରିତ ପରିମାଣର କିସମିସ୍ ନିୟମିତ ଖାଇବା ଉଚିତ ।

ଏଥିରେ ଥିବା ଫାଇବର ପାଚନତନ୍ତ୍ରକୁ ଠିକ୍ କରେ ଏବଂ ଅଗ୍ନିମାନ୍ଦ୍ୟ ଓ କୋଷ୍ଠକାଠିନ୍ୟ ଦୂର କରେ ।

କିସ୍‌ମିସ୍ କର୍କଟ ରୋଗର ପ୍ରତିରୋଧକ । ଏହା କର୍କଟ କୋଷିକାର ବୃଦ୍ଧିକୁ ରୋକେ ।

ପ୍ରାକୃତିକ ଶର୍କରାର ଭଣ୍ଡାର କିସମିସ୍ । ଆବଶ୍ୟକତାରୁ କମ୍ ଓଜନ



ଥିବା ବ୍ୟକ୍ତିଙ୍କ ପାଇଁ ଏହା ଅତ୍ୟନ୍ତ ଉପକାରୀ । ଏହାର ନିୟମିତ ସେବନ ଓଜନ ବୃଦ୍ଧିରେ ସହାୟକ ହୋଇଥାଏ ।

କିସମିସ୍ ଚକ୍ଷୁ ପାଇଁ ଅତ୍ୟନ୍ତ ଉପକାରୀ । ଯାବତୀୟ ଚକ୍ଷୁ ସମସ୍ୟାର ସମାଧାନ କରିବାର କ୍ଷମତା ଏହାର ରହିଛି । ଏଥିରେ ଥିବା ଭିଟାମିନ୍ ଏ ଓ ବିଟା କେରୋଟିନ୍ ଚକ୍ଷୁକୁ ସୁସ୍ଥ ଓ ନିରୋଗ ରଖେ ।

କିସ୍‌ମିସ୍ ମସ୍ତିଷ୍କ ପାଇଁ ମଧ ଅତ୍ୟନ୍ତ ଉପକାରୀ । ମସ୍ତିଷ୍କକୁ ଚାପମୁକ୍ତ କରିବା ସହ ତାକୁ ସ୍ଥିର ଓ ଶାନ୍ତ ରଖିବାରେ ସହାୟକ ହୁଏ ।

ଭରପୁର କ୍ୟାଲସିୟମ ଥିବାରୁ ଏହା ହାଡକୁ ଶକ୍ତ ଓ ଦୃଢ଼ କରେ ।

ଏଥିରେ ଥିବା ଓଲିନୋଲିନ ନାମକ ଏକ ପ୍ରକାର ଏସିଡ ଦାନ୍ତ ଓ ମାଢ଼ି ପାଇଁ ଉପକାରୀ । ୧୦ କିସମିସ୍ ଶାରୀରକ ଦୁର୍ବଳତା ଦୂର କରେ ।

# ଔଷଧୀୟ ଗୁଣରେ ଭରପୁର ସୋରିଷ ତେଲ

ଆମ ଦେଶରେ ପାଚୀନ ସମୟରୁ ଶୁଦ୍ଧ ସୋରିଷ ତେଲ ବ୍ୟବହୃତ ହୋଇ ଆସୁଛି । ସେ ସମୟରେ ଲୋକେ ଏଇ ତେଲ ରନ୍ଧା ଖାଦ୍ୟ ଖାଇ ଏକ ସୁସ୍ଥ ଜୀବନ ଅତିବାହିତ କରୁଥିଲେ । ସମୟକ୍ରମେ ଲୋକଙ୍କ ମତ ପରିବର୍ତ୍ତନ ହେଲା ଯେ ସୋରିଷ ତେଲ ପ୍ରସ୍ତୁତ ଖାଦ୍ୟ ଖାଇଲେ ଓଜନ ବଢ଼ିବା ସହ ବିଭିନ୍ନ ରୋଗ ଆକ୍ରାନ୍ତ କରିଥାଏ । ଏହି ତଥ୍ୟକୁ ଭୁଲ୍ ପ୍ରମାଣିତ କରିଛନ୍ତି ଗବେଷକ ସମୂହ । ଆମେରିକା ଓ ଜାପାନର ଗବେଷକଙ୍କ ମିଳିତ ଗବେଷଣାର ତଥ୍ୟ ଅନୁସାରେ ଶୁଦ୍ଧ ସୋରିଷ ତେଲ ସ୍ୱାସ୍ଥ୍ୟକୁ କୌଣସି ପ୍ରକାର କ୍ଷତି ପହଞ୍ଚାଇ ନ ଥାଏ । ବରଂ ନିୟମିତ ଏଇ ତେଲ ରନ୍ଧା ଖାଦ୍ୟ ଖାଇଲେ ବିଭିନ୍ନ ରୋଗରୁ ମୁକ୍ତି ମିଳେ ।

ଭିଟାମିନ୍ ଇ' ଭରପୁର ସୋରିଷ ତେଲ ନିୟମିତ ତ୍ୱଚାରେ ମାଲିସ୍ କଲେ ଚମକ ଆସିବା ସହ ଦାଗ ମଧ ଦୂର ହୋଇଥାଏ । ଶୀତ ଋତୁରେ ବେସନ ସୋରିଷ ତେଲ ଘୋ, ଏକ ଉତ୍ତମ ପ୍ୟାକ୍ । ପ୍ରତ୍ୟହ ଲଗାଇଲେ ତ୍ୱଚା ଭାଙ୍ଗ ପଡେ ନାହିଁ କିମ୍ବା ଫାଟ ମଧ ହୋଇ ନ ଥାଏ ।

ଦିଲ୍ଲୀର ନାମୀ ହୃଦ୍‌ରୋଗୀ ବିଶେଷଜ୍ଞ ଡାକ୍ତର ଶ୍ରୀତମ ଗୋଏଲଙ୍କ ମତରେ ହୃଦ୍‌ରୋଗରୁ ବର୍ତ୍ତିବାକୁ ଚାହୁଁଥିଲେ ନିୟମିତ ସୋରିଷ ତେଲ ରନ୍ଧା ଖାଦ୍ୟ ଖାଇବା ଉଚିତ । ଏପରିକି ହୃଦରୋଗୀମାନେ ମଧ ଏଇ ତେଲ ପ୍ରସ୍ତୁତ ଖାଦ୍ୟ ଖାଇବା ଭଲ । ୩୦ ବର୍ଷ ହେଲାଣି ଲୋକଙ୍କ ଚିକିତ୍ସା କରି ଆସୁଥିବା ଡାକ୍ତର ଗୋଏଲ କହିଛନ୍ତି, ସେ ରୋଗୀଙ୍କୁ ବାହାର ରେଷ୍ଟୋରାଁ ଖାଦ୍ୟ ଖାଇବାକୁ ମନା କରିଥାନ୍ତି । ହେଲେ ଘରେ ଶୁଦ୍ଧ ସୋରିଷ ତେଲ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥାନ୍ତି । ସୋରିଷ ତେଲ ହୃଦରୋଗୀଙ୍କ ନିମନ୍ତେ ଆଦୌ ହାନିକାରକ ନୁହେଁ ବୋଲି ତାଙ୍କ ଯୁକ୍ତି ।

ଆଣ୍ଠୁଗଣ୍ଠି ବିନ୍ଧାରୁ ମୁକ୍ତି ପାଇବାକୁ



ଚାହୁଁଥିଲେ ୧ ମାସ ସୋରିଷ ତେଲ ତିଆରି ଖାଦ୍ୟ ଖାଇଲେ ଫରକ୍ ଜାଣିପାରିବେ । ଗାଁଗହଳିର ଲୋକ ଏବେ ମଧ ସୋରିଷ ତେଲ ରନ୍ଧା ଖାଦ୍ୟ ଖାଇ ଏକ ସୁସ୍ଥ ଜୀବନ ଅତିବାହିତ କରୁଛନ୍ତି ।

ଏଇ ତେଲରେ ମହଜୁଦ୍ ଥିବା ପୋଷକତତ୍ତ୍ୱ ଥିଆମାଇନ୍, ଫୋଲେଟ, ନିଆସିନ୍ ଇତ୍ୟାଦି ଆମ ଶରୀରର ଓଜନକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ ।

ସୋରିଷ ତେଲ ପ୍ରସ୍ତୁତ ଖାଦ୍ୟ ଖାଇଲେ ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ବୋଲି ବିଶେଷଜ୍ଞଙ୍କ ମତ ।

# ସ୍ୱର୍ବେଦ

**ଦ୍ୱାର ଉଚ୍ଚ ସ୍ୱର ଶ୍ରୱଣ ହୈ, ରରଂକାର ହୈ ସୋୟ ।**
**ପ୍ରଥମ ଧାର ବ୍ରହ୍ମାଣ୍ଡ ମେଁ, ପୈଠୋ ଦେଖୋ ସୋୟ ।।୨୭।।**

ଭାଷ୍ୟ - ଅକ୍ଷରର ପ୍ରଥମ ଧାର ଯେତେବେଳେ ବ୍ରହ୍ମାଣ୍ଡକୁ ଆସେ, ସେତେବେଳେ କପାଳ ସ୍ଥିତ ମୂଳରେ ସୂକ୍ଷ୍ମ ଏବଂ ସର୍ବୋଚ୍ଚ ଶବ୍ଦ ରରଂକାର ଶୁଣିବାକୁ ମିଳେ । ତେଣୁ ଯୋଗ ଦ୍ୱାରା ଅନ୍ତର ପ୍ରବେଶ କରି ସାକ୍ଷାତ୍କାର ଅନୁଭବ କରନ୍ତୁ । ବ୍ରହ୍ମାଣ୍ଡର ପ୍ରଥମ ଧ୍ୱନି ରରଂକାର ଅଟେ ।

**ତିରେୱଣୀ ସଂଗମ ଲଗୈ, ଭଁୱର ହୋୟ ଗୁାର ।**
**ସରସ୍ୱତି ନିର ନିର୍ମଲ ନହେ, ମଜ୍ଜନ ସୁବୁଧି ୱିଚାର ।।୨୮।।**

ଭାଷ୍ୟ - ତିନୋଟି ନଦୀର ସଂଗମ ସ୍ଥଳକୁ ତ୍ରିବେଣୀ କୁହାଯାଏ । ବିହଙ୍ଗମ ଯୋଗୀଗଣଙ୍କର ସ୍ନାନ ପରମ ତୀର୍ଥ ତ୍ରିବେଣୀରେ ହୋଇଥାଏ, ଯେଉଁଠାରେ ସ୍ନାନ କରିବା ଦ୍ୱାରା ସମସ୍ତ ପାପ କ୍ଷୟ ହୋଇଯାଏ । ସୁଷ୍ମ ପ୍ରବାହ ହେବା ଯୋଗୁଁ ଯୋଗୀ ପବିତ୍ର ହୋଇ ପ୍ରଭୁପ୍ରାପ୍ତି ନିମନ୍ତେ ପ୍ରଯତ୍ନ କରିଥାନ୍ତି । ସରସ୍ୱତୀ ଅର୍ଥାତ୍ ସୁଷ୍ମନର ପବିତ୍ର ଧାରାରେ ଯୋଗଯୁକ୍ତିରେ ସ୍ନାନ କରିବା ଫଳରେ ସମସ୍ତ ପାପ କ୍ଷୟ ହୋଇଯାଏ । ସେଥିପାଇଁ ତ୍ରିବେଣୀର ବିବେକ ପୂର୍ବକ ଅନୁଭବୀ ସାଧକ ଏହି ସଂଗମ ସ୍ଥଳରେ ସ୍ନାନ କରି ଶୁଦ୍ଧ ଜ୍ଞାନ ଆଉ ପବିତ୍ର ବଳର ସଂଯମ କରିଥାନ୍ତି । ସୁଷ୍ମନର ଏହି ପ୍ରବାହକୁ ଉକ୍ତ ଦୋହାରେ ତ୍ରିବେଣୀ ବୋଲି ଅଭିହିତ କରାଯାଇଛି । ସୁଷ୍ମନର ସୂକ୍ଷ୍ମ ଧାର ଶରୀରରେ ପ୍ରବାହିତ ହୋଇ ଆତ୍ମାକୁ ଜୀବନ ପ୍ରଦାନ କରିଥାଏ ।

**ବାୟେଁ ୱୀଣା ମୁରଲୀ, ମଧୁର ମନୋହର ରାଗ ।**
**ସୁଖଦ ସରସ ସ୍ୱର ବାଜତୀ, ବାଢ଼େ ସୁରତି ସୋହାଗ ।।୨୯।।**

ଭାଷ୍ୟ - ବାମ ପଟେ ବୀଣା ଆଉ ବଂଶୀର ମଧୁର ସ୍ୱନ ଶୁଣାଯାଉଛି, ଯାହା ଫଳରେ ସୋହାଗିନୀ ସୁରତିର ସୌଭାଗ୍ୟ ବୃଦ୍ଧି ପାଇବାରେ ଲାଗିଛି ।

**ଝୀଙ୍ଗୁର ସମ ଏକ ଶବ୍ଦ ହୈ, ଉପର ସୁରୁଚି ସୋହାତ ।**
**ସୋ ଅନହଦ ମୁରଚଙ୍ଗ ହୈ, ବାଜତ ରହି ରହି ଜାତ ।।୩୦।।**

ଭାଷ୍ୟ - ଉପରେ ଝିଙ୍କାରୀର ଝିଁ ଝିଁ ଶବ୍ଦ ପରି ଏକ ଶବ୍ଦ ହୁଏ, ଯାହା ଅତ୍ୟନ୍ତ ସୁନ୍ଦର ଏବଂ ରୁଚିକର ପ୍ରତୀତ ହୋଇଥାଏ । ତାହା ଅନହଦ ବାଦ୍ୟ ଅଟେ, ଯାହା ରହି ରହି ବାଜିଥାଏ ।

**ସବ ଅନହଦ କେ ତାଲ ପର, ବାଜତ ପୂର୍ଣ୍ଣ ଗମ୍ଭୀର ।**
**ୱାଦ୍ୟରାଜ ମିରିଦଂଗ ହୈ, ଉପର ବାୟେଁ ଧୀର ।।୩୧।।**

ଭାଷ୍ୟ - ବାମ ପଟେ ଉପରକୁ ସମସ୍ତ ଅନାହତ ବ୍ରହ୍ମାଣ୍ଡୀ ଧ୍ୱନିର ତାଳରେ ସ୍ଥିର, ଦୃଢ଼, ପରିପୂର୍ଣ୍ଣ ଏବଂ ଗମ୍ଭୀର ଭାବରେ ବାଦ୍ୟରାଜ ମୃଦଙ୍ଗ ବାଜେ । ଗ୍ରନ୍ଥକାର ସଦ୍‌ଗୁରୁଦେବ ଏହି ଅନାହତ ବ୍ରହ୍ମାଣ୍ଡୀ ଧ୍ୱନିର ସ୍ଥାନ ନିରୂପଣ କରିଛନ୍ତି । ଏହି ପ୍ରକାରେ ଅନହଦର ସ୍ପଷ୍ଟ ବର୍ଣ୍ଣନା ସ୍ଥାନ-ଭେଦରେ ଅନ୍ୟ ସନ୍ଥ-ସାହିତ୍ୟ ମାନଙ୍କରେ ଦେଖିବାକୁ ମିଳି ନ ଥାଏ । ଯୋଗୀଜନ ଅନହଦର ପ୍ରତ୍ୟକ୍ଷ ଅନୁଭବ କରିଥାନ୍ତି । ସେମାନଙ୍କ ଦ୍ୱାରା ସଂସାରର ସମସ୍ତ ବାଦ୍ୟଯନ୍ତ୍ରଗୁଡ଼ିକର ଆବିଷ୍କାର ହୋଇଅଛି । ପୂର୍ଣ୍ଣ ଶବ୍ଦବେତ୍ତା ରୂପରେ ସଂଗୀତଜ୍ଞ ହୋଇଥାନ୍ତି । ସାହିତ୍ୟ ଆଉ ସଂଗୀତ ଉଭୟର ସାମସ୍ୟ ରହିଛି ।

**ସହନାଇ ଡଫ ଝାଁଝ ହୈ, କାଂକିଣ ବାଁମ ସୋହାୟ ।**
**ଦାୟେଁ ସିଁହ ଗର୍ଜନ ଗଜୈ, ସବ ମିଲି କରତ ବଧାୟ ।।୩୨।।**

ଭାଷ୍ୟ - ବାମ ପଟେ ସହନାଇ, ଡଫଲି, କସ୍ତାଲ ଆଉ କିଂକିଣିର ସରସ ସୁନ୍ଦର ଧ୍ୱନି ଶୁଣା ଯାଉଛି ଏବଂ ଡାହାଣ ପଟରେ ସିଂହ ଗର୍ଜନର ଘୋଷ ଶୁଣାଯାଉଛି । ଏ ସମସ୍ତ ଅନାହତ ବ୍ରହ୍ମାଣ୍ଡୀ ଧ୍ୱନି ମିଳିତ ଭାବରେ ମୁଖ୍ୟଦ୍ୱାରରେ ଅଭିନନ୍ଦନ ଜଣାଇ ଆନନ୍ଦ ପ୍ରକଟ କରିଥାନ୍ତି । ଅନହଦ ଦ୍ୱାରରେ ସହନାଇ ଅଛି ଯାହା ସର୍ବଦା ବ୍ରହ୍ମାଣ୍ଡକୁ ସୁନ୍ଦର ଧ୍ୱନିରେ ଝଙ୍କୃତ କରୁଅଛି ।

**ବାହ୍ୟାଭ୍ୟନ୍ତର ପୂର୍ଣ୍ଣ ହୈ, ବ୍ୟାପକ ସମତା ଭାୱ ।**
**ଅକ୍ଷର ସୋ ଯହ ଶବ୍ଦ ହୈ, ସକଲ ସୃଷ୍ଟି ପରଭାୱ ।।୩୩।।**

ଭାଷ୍ୟ - ଏକପାଦ ସୃଷ୍ଟିରେ ବ୍ୟାପକ ଏକରସ ବାହାରେ ଏବଂ ଭିତରେ ଯେଉଁ ପରିପୂର୍ଣ୍ଣ ଶବ୍ଦ ହେଉଅଛି, ତାହା ଅକ୍ଷର ଅଟନ୍ତି । ସମସ୍ତ ଚରାଚର ଜଗତରେ ଅକ୍ଷର ବ୍ୟାପକ ଅଟନ୍ତି । ତାଙ୍କରି ଦ୍ୱାରା ସମସ୍ତ ସୃଷ୍ଟିର କାର୍ଯ୍ୟ ଏବଂ ବ୍ୟବହାର ଚାଲୁଅଛି ।

**ପୃଥ୍ୱୀ ସେ ଦ୍ୟୋ ଲୋକ ତକ, ପ୍ରକୃତି ଦୃଶ୍ୟ ସଂସାର ।**
**ତେହି ଆଗେ ନିଜ ଲୋକ ହୈ, ଚେତନ ଶବ୍ଦ ପସାର ।।୩୪।।**

ଭାଷ୍ୟ - ପୃଥିବୀରେ ଦିବ୍ୟଲୋକ ପର୍ଯ୍ୟନ୍ତ ପ୍ରକୃତି ଆଉ ତାହାର ବିକୃତି ନାମରୂପ ଜଗତ ରହିଛି । ଏହାର ଆଗକୁ ନିଜଧାମ ସାରଶବ୍ଦଙ୍କରର ବିସ୍ତୃତ ପ୍ରକାଶ ବିଦ୍ୟମାନ ।

**ସ୍ୱସ୍ତିକ ଆସନ ଶ୍ରେଷ୍ଠ ହୈ, ସହଜ ୟୋଗ ସତ୍ୟ ନାମ ।**
**ସହଜ ପଲହଥୀ ମାରିୟେ, ସବ ୱିଧି ପୂରଣ କାମ ।।୩୫।।**

ଭାଷ୍ୟ - ସୁଖ ପୂର୍ବକ ସ୍ଥିର ହୋଇ ବସିବାକୁ ଆସନ କୁହାଯାଏ । ସହଜ ଯୋଗୀ ନିମନ୍ତେ ସ୍ୱସ୍ତିକ ଆସନ ଶ୍ରେଷ୍ଠ ଅଟେ । ସହଜ ରୂପରେ ଚକାମାଡ଼ି ସତ୍ୟନାମଙ୍କର ପ୍ରାପ୍ତି ନିମନ୍ତେ ସହଜ ଯୋଗ ଅଭ୍ୟାସ କରନ୍ତୁ ଯାହା ଦ୍ୱାରା ଜୀବନର ସମସ୍ତ ଲକ୍ଷ୍ୟ ପୂରଣ ହେବ ।

**ଅନୁଭୱଗାମୀ ଚଢ଼ନ ହୈଁ, ସୁକ୍ଷ୍ମ ପନ୍ଥ ପର ୟହ ।**
**ଝୁଲତ ହିଂଡୋଲା ପ୍ରେମ କା,**




**ପହୁଁଚେ ଅପନେ ଗେହ ।।୩୬।।**

ଭାଷ୍ୟ - ବିହଙ୍ଗମ ଯୋଗର ଅନୁଭବୀ ସାଧକ ଏହି ସୂକ୍ଷ୍ମ ପଥରେ ଅରୋହଣ କରି ପ୍ରେମ ତାରରେ ପ୍ରସ୍ତୁତ ଝୁଲଣାରେ ଝୁଲି ଝୁଲି ଚେତନ ଧାମରେ ପହଞ୍ଚିଯାଆନ୍ତି ।

**ଅମୃତ ସାଗର ଉମଡ଼ିୟା, ସୂଝେ ୱାର ନ ପାର ।**
**ପରମାନନ୍ଦିତ ହଁସ ହୈ, ଛୂଟତ ୟହ ସଂସାର ।।୩୭।।**

ଭାଷ୍ୟ - ଅପରିମିତ ତରଙ୍ଗାୟିତ ଅମୃତ ସାଗରକୁ ପ୍ରାପ୍ତକରି ଶୁଦ୍ଧ ଜୀବାତ୍ମାଗଣ ପରମାନନ୍ଦିତ ହୋଇ ଦୁଃଖମୟ ସଂସାରରୁ ତ୍ରାହି ପାଇଥାନ୍ତି ।

**ପ୍ରକୃତ ଭୂମୀ ପାର କର, ମରମୀ ଭେଦୀ ସନ୍ତ ।**
**ଦିବ୍ୟ ଦୃଷ୍ଟି ତବ ଖୁଲତ ହୈ, ସନମୁଖ ଦୃଶ୍ୟ ଅନନ୍ତ ।।୩୮।।**

ଭାଷ୍ୟ - ଆଧ୍ୟାତ୍ମବିତ୍ ଅନୁଭବୀ ସନ୍ଥ ଯେତେବେଳେ ଯୋଗ ବିଧାନ ଦ୍ୱାରା ପ୍ରକୃତି ମଣ୍ଡଳକୁ ଅତିକ୍ରମୀ ଯାଆନ୍ତି, ସେତେବେଳେ ଦିବ୍ୟଦୃଷ୍ଟି ଖୋଲିଯାଏ ଆଉ ଆତ୍ମା ସମ୍ମୁଖରେ ଅନନ୍ତ ସତ୍ତାଙ୍କର ପ୍ରତ୍ୟକ୍ଷ ଅନୁଭବ ହୋଇଥାଏ ।

**ସବ ଭୂମୀ କୋ ପାସ କର, ମନ ପୱନା ଭୟ ଲୀନ ।**
**ନିର୍ମଲ ଚେତନ ଦୃଷ୍ଟି ସେ, ଦେଖେ ସନ୍ତ ପ୍ରୱୀନ ।।୩୯।।**

ଭାଷ୍ୟ - ପ୍ରାକୃତିକ ସମସ୍ତ ଭୂମିକୁ ଅତିକ୍ରମ କଲା ପରେ ମନ ଆଉ ପବନ ଲୀନ ହୋଇଯାଆନ୍ତି ତଥା ବିବେକୀ ସନ୍ଥ ନିଜ ଶୁଦ୍ଧ ଚେତନ ଦୃଷ୍ଟିରେ ପରଂବ୍ରହ୍ମଙ୍କର ସାକ୍ଷାତ୍କାର କରିଥାନ୍ତି । ଜଡ଼ ଅନାତ୍ମ ଜଗତରୁ ମୁକ୍ତି ଲାଭ କରିବା ପରେ ଚେତନ ଶୁଦ୍ଧ ସ୍ୱରୂପ ପ୍ରାପ୍ତ ହୋଇ ଚେତନ ଦୃଷ୍ଟି ଖୋଲିଯାଏ ।

**ଦିବ୍ୟ ଦୃଷ୍ଟି କେ ଖୁଲତେ, ଶୀତଲ ୱିମଲ ପ୍ରକାଶ ।**
**ଜଗମଗ ଜଗମଗ ହୋ ରହା, ଶୋଭା ପୁରୁଷ ପ୍ରକାଶ ।।୪୦।।**

ଭାଷ୍ୟ - ଅନୁଭବ ଚେତନ ଦୃଷ୍ଟି ପ୍ରକଟ ହେବାପରେ ଶୀତଳ ପବିତ୍ର ପ୍ରକାଶ ପ୍ରାପ୍ତ ହୋଇଥାଏ ଏବଂ ସେହି ଦିବ୍ୟ ପ୍ରକାଶର ପରମ ପ୍ରଦୀପ୍ତ ଶୋଭା ନିତ୍ୟ ଦୃଷ୍ଟିଗୋଚର ହେବାରେ ଲାଗେ ।

**ମନ ଅରୁ ପୱନ ୱିଲୀନ ମେଁ, ଫୂଲୈ କମଲ ଅନୂପ ।**
**ଫୂଲେ ସେ ଖୂଲେ ନୟନ, ଦରଶନ ଶବ୍ଦ ସ୍ୱରୂପ ।।୪୧।।**

ଭାଷ୍ୟ - ମନ ଆଉ ପବନର ବିଲୟ ହୋଇ ଶାନ୍ତ ହୋଇଯିବା ପରେ ଅଷ୍ଟକମଳ ପ୍ରଫୁଲ୍ଲିତ ହୋଇଯାଏ ଏବଂ କମଳ ବିକସିତ ହେବା ଫଳରେ ଉର୍ଦ୍ଧ୍ୱ ଦୃଷ୍ଟି ଖୋଲିଯାଏ ଆଉ ଶବ୍ଦସ୍ୱରୂପ ପରଂବ୍ରହ୍ମଙ୍କର ଦର୍ଶନ ହୋଇଥାଏ । ମନ ଆଉ ପବନ ଶାନ୍ତ ହେବା ଫଳରେ ଶୁଦ୍ଧରୂପୀ ଆତ୍ମାର ଅନ୍ତର୍ଦୃଷ୍ଟି ଖୋଲିଯାଏ ।

**ଜ୍ଞାନ ୟୋଗ ପରଧାନ ହୈ, କର୍ମ ୟୋଗ ସେ ଜାନ ।**
**ଉପର ସେ ଶିକ୍ଷା ମିଲୀ, ୱଦତି ଶ୍ରୁତିନ ଜସ ମାନ ।।୪୨।।**

ଭାଷ୍ୟ - କର୍ମ ଯୋଗ ଠାରୁ ଜ୍ଞାନ ଯୋଗ ଶ୍ରେଷ୍ଠ ଅଟେ । ଜ୍ଞାନ ଯୋଗରେ ସଂସାର ତ୍ୟାଗକରି ପ୍ରଭୁଙ୍କର ଭଜନ, ବିଶ୍ୱର ଉଦ୍ଧାର ଏବଂ ସମସ୍ତ ଜୀବମାନଙ୍କର ଉପକାର ହିଁ ଏକମାତ୍ର କାର୍ଯ୍ୟ ହୋଇଥାଏ । କର୍ମ ଯୋଗରେ ସନ୍ତାନ ସନ୍ତତି ଏବଂ ପରିବାରକୁ ନେଇ ସମାଜ ଧର୍ମର ଅନୁକୂଳ ଜୀବନଯାପନ କରି ମହାପ୍ରଭୁଙ୍କର ଭକ୍ତି କରାଯାଏ । ସୃଷ୍ଟିର ପ୍ରାରମ୍ଭରୁ ହିଁ ଏହି ଜ୍ଞାନ ଉପଦେଶ ମିଳି ଆସୁଛି ଏବଂ ବେଦ ଉପନିଷଦ ଆଦି ଗ୍ରନ୍ଥରେ ମଧ୍ୟ ଯୋଗର ଶ୍ରେଷ୍ଠତାକୁ ସ୍ୱୀକାର କରାଯାଇଛି ।

**ଧନ୍ୟ ଜ୍ଞାନ ୟୋଗୀ ଜିୱନ, ସର୍ୱ ଜ୍ଞାନ ଭଣ୍ଡାର ।**
**ଜ୍ଞାନ ଧର୍ମ ଆଶ୍ରୟ ରହେଁ, ୟୋଗୀ ଚରଣ ଅଧାର ।।୪୩।।**

ଭାଷ୍ୟ - ସମସ୍ତ ଜ୍ଞାନର ଭଣ୍ଡାର ଜ୍ଞାନ ଯୋଗୀର ଜୀବନ ସଫଳ ଅଟେ, ଯାହାର ଚରଣାବିନ୍ଦ ଆଧାରରେ ସମସ୍ତ ଜ୍ଞାନ ଏବଂ ଧର୍ମ ଆଶ୍ରିତ ଅଟନ୍ତି ।

**ସବ ଗୁରୁଓଁ କା ୱର ଗୁରୁ, ଜଗତ ଗୁରୁ ତେହି ନାମ ।**
**ପଥ ପରଦର୍ଶକ ସର୍ୱ କା, ସାଧନ ୟୋଗ ଅନାମ ।।୪୪।।**

ଭାଷ୍ୟ - ଜ୍ଞାନ ଯୋଗୀ ପ୍ରାକୃତିକ ସମସ୍ତ ଗୁରୁମାନଙ୍କର ଗୁରୁ ଜଗତ୍‌ଗୁରୁ ଅଟନ୍ତି ଆଉ ବିଶୁଦ୍ଧ ଚେତନ ଭକ୍ତି ବିହଙ୍ଗମ ମାର୍ଗ ତଥା ସକଳ ମାର୍ଗର ପଥ ପ୍ରଦର୍ଶକ ଅଟନ୍ତି ।

**କର୍ମ ୟୋଗ ସଂସାର ମେଁ, ତାକର ଭୀ ଗୁରୁ ଜାନ ।**
**ପୂଜ୍ୟ ଜ୍ଞାନ ୟୋଗୀ ଜଗତ, ଖୁଲେ ପରମ ତତ୍ତ୍ୱ ଖାନ ।।୪୫।।**

ଭାଷ୍ୟ - କର୍ମଯୋଗୀ ଲୋକାଚାର, ବ୍ୟବହାର ଏବଂ ସମାଜର ପଥ ପ୍ରଦର୍ଶକ ଅଟନ୍ତି । ତାଙ୍କର ମଧ୍ୟ ଗୁରୁ ଜ୍ଞାନଯୋଗୀଙ୍କୁ ଜାଣିବା ଉଚିତ । ସମଗ୍ର ଜଗତରେ ଜ୍ଞାନଯୋଗୀ ସର୍ବପୂଜ୍ୟ ବ୍ରହ୍ମବିଦ୍ୟା ପରମତତ୍ତ୍ୱର ଶୁଦ୍ଧ ପବିତ୍ର ଭଣ୍ଡାର ଅଟନ୍ତି ।

**ମାରତଣ୍ଡ ଅଧ୍ୟାତ୍ମ କା, କ୍ଷେତ୍ର ପ୍ରକାଶିତ ହୋୟ ।**
**ସହଜ ଅଖଣ୍ଡ ସ୍ୱରୂପ ହୈ, ଜ୍ଞାନ ୟୋଗୀୱର ସୋୟ ।।୪୬।।**

ଭାଷ୍ୟ - ଆଧ୍ୟାତ୍ମର ଅଖଣ୍ଡ ପ୍ରକାଶ ସ୍ୱରୂପ ମାର୍ତ୍ତଣ୍ଡ ଜ୍ଞାନଯୋଗୀ ଅଟନ୍ତି, ଯାହାଙ୍କ ଦ୍ୱାରା ଆଧ୍ୟାତ୍ମ କ୍ଷେତ୍ର ପ୍ରକାଶିତ ହୋଇଥାଏ । ଅର୍ଥାତ୍ ଜ୍ଞାନଯୋଗୀ ଆଧ୍ୟାତ୍ମ ଜଗତର ସୂର୍ଯ୍ୟ ସମାନ ପ୍ରକାଶକ ଅଟନ୍ତି ।

**ଜ୍ଞାନୀ ଧ୍ୟାନୀ ପୂଜକ, ଜପୀ ତପୀ ଜଗ ମାହିଁ ।**
**ଜ୍ଞାନଯୋଗୀ ସବ ପୂଜ୍ୟ ହୈଁ, କର୍ମ ଧର୍ମ ସବ ମାହିଁ ।।୪୭।।**

ଭାଷ୍ୟ - ଜ୍ଞାନୀ, ଧ୍ୟାନୀ ଏବଂ ସମସ୍ତ ଜପ, ତପ ତଥା କର୍ମ କରୁଥିବା ଅନେକ ପୁରୁଷ ସଂସାରରେ ଅଛନ୍ତି । ଜ୍ଞାନ ଯୋଗୀ ଏମାନଙ୍କ ମଧ୍ୟରେ ପୂଜ୍ୟ ଅଟନ୍ତି, ଯାହାର ଆଶ୍ରୟରେ ସର୍ବ-କର୍ମ-ଧର୍ମ ରହିଥାନ୍ତି ।

**ଜ୍ଞାନ ୟୋଗୀ ୱେ ସଦ୍‌ଗୁରୁ, କର୍ମୟୋଗୀ ହୋୟ ନାହିଁ ।**
**ସଦ୍‌ଗୁରୁ ବନ୍ଧନ କାଟତେ, ମୋହ ଶୋକ ସବ ଜାହିଁ ।।୪୮।।**

ଭାଷ୍ୟ - ଜ୍ଞାନ ଯୋଗୀ ସଦ୍‌ଗୁରୁ ହୋଇଥାନ୍ତି ମାତ୍ର କର୍ମ ଯୋଗୀ ସଦ୍‌ଗୁରୁ ହୋଇ ନ ଥାନ୍ତି । ଜ୍ଞାନ ଯୋଗୀ ସଦ୍‌ଗୁରୁ ହିଁ ପ୍ରକୃତିବନ୍ଧନକୁ କାଟିଥାନ୍ତି ଯାହା ଫଳରେ ସମସ୍ତ ମୋହ ଏବଂ ଶୋକ କ୍ଷୟ ହୋଇଯାଏ । କର୍ମ ଯୋଗୀର ସଂସାର ମାୟା ସହିତ ସମ୍ବନ୍ଧ ଥିଲେ ସୁଦ୍ଧା ଭିତରେ ତ୍ୟାଗ ରହିଥାଏ ଆଉ ଜ୍ଞାନ ଯୋଗୀ ସଂସାର ମାୟା ସହିତ ଆଦୌ ସମ୍ବନ୍ଧ ରଖନ୍ତି ନାହିଁ ଅର୍ଥାତ୍ ଜ୍ଞାନ ଯୋଗୀର ଭିତରେ ଏବଂ ବାହାରେ ଉଭୟରେ ତ୍ୟାଗ ରହିଥାଏ । ଏହା ହିଁ ଉଭୟଙ୍କ ମଧ୍ୟରେ ପ୍ରଭେଦ ଅଟେ ଏବଂ ଜ୍ଞାନ ଯୋଗୀର ସର୍ବଶ୍ରେଷ୍ଠ ମହିମା ଅଟେ । ସଦ୍‌ଗୁରୁ ଜ୍ଞାନ ଯୋଗୀସଂସାରର ପୂଜ୍ୟ ହୋଇଥାନ୍ତି । ଏହା ଏହି ଦୋହାର ସାରକଥା ତଥା ଭାବ ଅଟେ ।

**ବନ୍ଧେ ବନ୍ଧନ ନହିଁ କଟେ, କଟେ ରହେ ନିରବନ୍ଧ ।**
**ଅନ୍ଧ ଅନ୍ଧ ନହିଁ ଲେ ଚଲୈ, ଦୋନୋଁ ହୈଁ ୱେ ଅନ୍ଧ ।।୪୯।।**

ଭାଷ୍ୟ - ଯିଏ ସ୍ୱତଃ ବନ୍ଧନରେ ଅଛି, ତାହାର ଅନ୍ୟ ସହିତ ବନ୍ଧନ କଟେ ନାହିଁ । ଯିଏ ବନ୍ଧନ ମୁକ୍ତ ଅଟେ ତାହା ଦ୍ୱାରା ବନ୍ଧନ କଟିଥାଏ । ଅନ୍ଧ ଅନ୍ୟ ଏକ ଅନ୍ଧକୁ ନେଇ ବାଟ ଚାଲି ପାରିବ ନାହିଁ, କାହିଁକି ନା ଉଭୟ ଚକ୍ଷୁହୀନ ଅଟନ୍ତି ।

**ଜ୍ଞାନ ୟୁକ୍ତ ୱୈରାଗ୍ୟ କୀ, ଋଷି ମୁନି କର ଉପଦେଶ ।**
**ସଦ୍‌ଗୁରୁ ସୁକୃତ ଦେୱ କା, ମୁଝେ ୟହୀ ଆଦେଶ ।।୫୦।।**

ଭାଷ୍ୟ - ଜ୍ଞାନ ସହିତ ଯୁକ୍ତ ବୈରାଗ୍ୟର ଉପଦେଶ ଋଷି ମୁନିମାନେ କରିଥାନ୍ତି । ମୋ ପାଇଁ ସଦ୍‌ଗୁରୁ ସୁକୃତଦେବଙ୍କର ଏହି ଆଦେଶ ରହିଛି । ଅର୍ଥାତ୍ ତୁଳାରେ ଘୋଡ଼ା ଯାଇଥିବା ପାରସ ମଣି ଲୁହାକୁ ସୁନାରେ ପରିଣତ କରି ପାରିବ ନାହିଁ । ଏହା ସୁକୃତଦେବଙ୍କର ବଚନ ଅଟେ ।

## ଗୋଲମରିଚର ଉପକାରିତା

ଗୋଲମରିଚକୁ କିଏ ଚା'ରେ ପକାଇ ପିଇବାକୁ ପସନ୍ଦ କରୁଥିବା ବେଳେ ଆଉ କେହି ସାଲାଡ଼ରେ ପକାଇ ଖାଇବାକୁ ପସନ୍ଦ କରନ୍ତି । ହେଲେ ଜାଣନ୍ତି କି ଏହାର ଚମତ୍କାରୀ ଗୁଣ ବିଷୟରେ । ଆୟୁର୍ବେଦ ଚିକିତ୍ସକଙ୍କ ଅନୁସାରେ ଗୋଲମରିଚକୁ ନିୟମିତ ପ୍ରୟୋଗ ଦ୍ୱାରା ବହୁ ଦୁରାରୋଗ୍ୟରୁ ମୁକ୍ତି ମିଳିଥାଏ । କୁହାଯାଏ ଅଧିକ ଗୋଲମରିଚ ଦେହପାଇଁ ଖରାପ । କିନ୍ତୁ ଏହା ଭୁଲ୍ । ଏଥିରେ ରୋଗର ଚିକିତ୍ସା ହୋଇପାରିବ ।

ଥଣ୍ଡାରୁ ମୁକ୍ତି: ବାତ୍ୟା ପରର ବର୍ଷା ଏବଂ ତା'ପରେ ଆସୁଛି ଥଣ୍ଡା ଦିନ । ଏଦିନେ ସାଧାରଣତଃ ଥଣ୍ଡା କାଶ ଲାଗି ରହିଥାଏ । କିନ୍ତୁ ଗୋଲମରିଚ, ଖାଆନ୍ତୁ ଏଥିରୁ ମୁକ୍ତି ମିଳିବ ଏବଂ ଯଦି ଆପଣଙ୍କ ଗଳା ଖରାପ ଅଛି ତ ସେ ସମସ୍ୟାରୁ ମଧ ଆପଣ ରକ୍ଷାପାଇବେ । ହଁ କିଛି ଲୋକଙ୍କର ତ ଏଥିଲାଗି କେଶ ଝଡିବା ଆରମ୍ଭ ହୋଇଯାଏ । ଏଥିରୁ ମଧ ମୁକ୍ତି ମିଳିବ ।

ସ୍କିନ୍ ଡିଜିଜ୍‌ରୁ ମୁକ୍ତି: ଯଦି ଆପଣଙ୍କର ଦେହରେ କୌଣସି ଠାରେ ସ୍କିନ୍ ଡିଜିଜ୍ ରହିଛି ତ ଏଥିରେ ଗୋଲ ମରିଚ ବାଟି ଲଗାଇ ପାରନ୍ତି । ତା' ଛଡ଼ା ମୁହଁରେ ଯଦି ବ୍ରଣ ହୋଇଛି ମରିଚ ପେଷ୍ଟ ଲଗାଇ ପାରନ୍ତି । ପ୍ରଥମେ



ଟିକେ କଷ୍ଟ ଲାଗିବ କିନ୍ତୁ ଶୀଘ୍ର ଆରାମ ମିଳିବ ।

ଟେନସନରୁ ମୁକ୍ତି: ଆଜିର ବ୍ୟସ୍ତବହୁଳ ଜୀବନରେ ସବୁଠୁ ବଡ଼ ସମସ୍ୟା ହେଲା ଚିନ୍ତା ଏବଂ ଏଥିରୁ ମୁକ୍ତି ଦେବ ଗୋଲ ମରିଚ । ଏଥିରେ ମହଜୁଦ ଅଛି ପିପରାଇନ ନାମକ ତତ୍ତ୍ୱ ତଥା ଏଥିରେ ମଧ ଆଣ୍ଟି ଡିପ୍ରେଜେଣ୍ଟ ଗୁଣ ଭରପୁର ରହିଛି । ତେଣୁ ଏହା ଚିନ୍ତା ଏବଂ ଡିପ୍ରେସନ ଦୂର କରିବାରେ ସହାୟକ ହେବ ।

ଗ୍ୟାସ୍ କିମ୍ବା ଏସିଡିଟିରୁ ମୁକ୍ତି ମିଳିବ: ଆଧୁନିକ ଜୀବନଶୈଳୀରେ ଏସିଡିଟି ଏବଂ ଗ୍ୟାସ ଏକ ସାଧାରଣ ସମସ୍ୟା କହିଲେ ଭୁଲ୍ ହେବନି । ଯଦି ଆପଣଙ୍କର ଏହିଭଳି ସମସ୍ୟା ରହିଛି ତ ଲେମ୍ବୁ ରସରେ କଳାଲୁଣ ଏବଂ ଗୋଲ ମରିଚ ମିଶାଇ ଖାଆନ୍ତୁ ନିଶ୍ଚିତ ଉପକାର ମିଳିବ । ଗ୍ୟାସ୍ ଯୋଗୁଁ ପେଟ କାଟିବା ଆଦି ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିବ ।

କ୍ୟାନ୍ସରରୁ ମୁକ୍ତି: ବିଶେଷକରି ମହିଳାମାନେ ଗୋଲମରିଚ ଅଧିକରୁ ଅଧିକ ଖାଇବା ଉଚିତ । ଗୋଲମରିଚରେ ଭିଟାମିନ୍ ସି, ଭିଟାମିନ୍ ଏ, ଫ୍ଲେବୋନଏଡକ୍ସ, କ୍ୟାରୋଟିନ୍ସ ଏବଂ ଅନ୍ୟ ଆଣ୍ଟିଅକ୍ସିଡାଣ୍ଟ ରହିଥାଏ । ଗୋଲ ମରିଚ ଖାଇବା ଦ୍ୱାରା ମହିଳାଙ୍କ ବ୍ରେଷ୍ଟ କ୍ୟାନ୍ସର ହେବାର ଆଶଙ୍କା କମ୍ ହୋଇ ଯାଇଥାଏ । ଏଥିସହ ଶରୀରରେ ବଢୁଥିବା ଅତିରିକ୍ତ ମାଂସପେଶୀକୁ ଗୋଲମରିଚ ବଢ଼ିବାକୁ ଦିଏନାହିଁ ।

## ଆପଣ ଜାଣନ୍ତି କି ?

- ବିନ୍ସ ଜାତୀୟ ଫସଲ ଉତ୍ପାଦନରେ ବିଶ୍ୱରେ ଭାରତର ସ୍ଥାନ ପ୍ରଥମ । ସେହିଭଳି କଦଳୀ ଉତ୍ପାଦନରେ ମଧ ପ୍ରଥମ ଥିବାବେଳେ ବ୍ରାଜିଲ୍ ଦ୍ୱିତୀୟ ସ୍ଥାନରେ ରହିଛି ।
- ଭାରତରେ ବିଶ୍ୱର ସର୍ବାଧିକ ସଂଖ୍ୟକ ୧,୫୦,୦୦୦ ଡାକଘର ରହିଛି ।
- ଭାରତୀୟ ସିନେମା ଇଣ୍ଡଷ୍ଟ୍ରି ବିଶ୍ୱର ସବୁଠୁ ବଡ଼ ଇଣ୍ଡଷ୍ଟ୍ରି । ଏହା ଅନେକଙ୍କ ପାଇଁ ଏକ ସ୍ୱପ୍ନର ନଗରୀ ।
- ବିଶ୍ୱର ସର୍ବାଧିକ ଦୁଗ୍ଧ ଉତ୍ପାଦନକାରୀ ଦେଶମାନଙ୍କ ମଧ୍ୟରେ ଭାରତ ପ୍ରଥମ ।
- ଭାରତୀୟ ରେଳ ନେଟୱାର୍କ୍ ବିଶ୍ୱର ଦ୍ୱିତୀୟ ବୃହତ୍ ରେଳ ନେଟୱାର୍କ୍ ।
- ମସ୍ତିଷ୍କରେ ଯଦି ୫ ରୁ ୧୦ ମିନିଟ୍ ଯାଏଁ ଅମ୍ଳଜାନର ଅଭାବ ଦେଖାଦିଏ, ତେବେ ତାହା ସ୍ଥାୟୀ ଭାବେ ଅକାମୀ ହୋଇଯିବ ।
- ୪୦ ବର୍ଷ ଯାଏଁ ମଣିଷର ମସ୍ତିଷ୍କ ବିକାଶ ଲାଭ କରିଥାଏ ।
- ଆମ ମସ୍ତିଷ୍କ ସମୁଦାୟ ଅମ୍ଳଜାନ ୨୦ ପ୍ରତିଶତ ବ୍ୟବହାର କରିଥାଏ ।
- ଜାଗ୍ରତ ଥିବାବେଳେ ଆମ ମସ୍ତିଷ୍କରୁ ଯେତିକି ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହୋଇଥାଏ ତାହା ଏକ ଛୋଟ ବଲ୍‌ବ ଜଳାଇବାକୁ ସମର୍ଥ ।
- ଏକ ସେନାବାହିନୀ ଉପରେ ବୋମାବର୍ଷୀ ବିମାନ ଯେପରି ପ୍ରଭାବ ପକାଇଥାଏ, ଛୋଟ ପିଲାଟିଏ ଉପରେ ସମାନ ପ୍ରଭାବ ପକାଇଥାଏ ପ୍ରାୟତଃ ଝଗଡା ଲାଗି ରହୁଥିବା ଗୋଟିଏ ପରିବାର ।
- କୁମ୍ଭୀରମାନେ ବର୍ଣ୍ଣାନ୍ଧ ।
- ଝିଣ୍ଟିକାର ରକ୍ତ ଧଳା ।
- ସକାଳୁ ଉଠିବା ପାଇଁ କଫି ପିଇବା ଅପେକ୍ଷା ସେଓ ଖାଇବା ଅଧିକ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଥାଏ ।

## ଉପକାରୀ ପୋଦିନା



ତାଜା ପୋଦିନା ପତ୍ରକୁ କାଟି ସାଲାଡ଼ରେ ପକାଇଲେ ଗ୍ୟାଷ୍ଟ୍ରିକ୍ ସମସ୍ୟା ଦୂର ହୋଇଥାଏ ।

ସରବତରେ କଟା ପୋଦିନା ପତ୍ର ପକାଇ ପିଅନ୍ତୁ । ଏହା ହଜମଶକ୍ତିକୁ ବଢ଼ାଇବାରେ ସାହାଯ୍ୟ କରିବ ।

ପୋଦିନା ପତ୍ରକୁ ଶୁଖାଇ ଗୁଣ୍ଡ କରି ରଖନ୍ତୁ । ତରକାରୀ ରାନ୍ଧିବା ପରେ, ଏହି ଗୁଣ୍ଡ ପକାଇଲେ ଝୋଳ ସ୍ୱାଦିଷ୍ଟ ଲାଗିଥାଏ ।

ପୋଦିନା ଯୁକ୍ତ ପାନୀୟ ସ୍ୱାସ୍ଥ୍ୟ ପାଇଁ ଭଲ । ଚିନି ମିଶ୍ରିତ ଜଳରେ କିଛି ପୋଦିନା ପତ୍ର ପକାଇ ଫୁଟାଇ ଏବଂ ଥଣ୍ଡା ହେବା ପରେ ପିଅନ୍ତୁ ।

ଗୋଟିଏ ପାତ୍ରରେ ଦହି, ପୋଦିନା ପତ୍ର, କଟା ଅଦା ଓ ଲେମ୍ବୁରସ ଫେଣ୍ଟନ୍ତୁ । ସେଥିରେ ଲୁଣ, ଜିରା ଓ ଗୋଲମରିଚ ଗୁଣ୍ଡ ପକାଇ ପିଇବାକୁ ଦିଅନ୍ତୁ ।

## ଔଷଧୀୟ ବେଲ

ବେଲ ଏକ ପବିତ୍ର ବୃକ୍ଷ, ଏହାର ପତ୍ରଠାରୁ ଆରମ୍ଭ କରି ଫଳ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପାଇଁ ବହୁ କାମରେ ଲାଗିଥାଏ ।

ବେଲ ପତ୍ର ଶିବଙ୍କର ପ୍ରିୟ, ଶିବଙ୍କ ଲିଙ୍ଗ ଉପରେ ୧୦୮ ବେଲ ପତ୍ର ଚଢ଼ାଇବା ଫଳରେ ଶିବ ସନ୍ତୁଷ୍ଟ ହୋଇ ବର ପ୍ରଦାନ କରନ୍ତି ।

ବେଲ ଗଛରେ ବ୍ରହ୍ମାବିଷ୍ଣୁ ମହେଶ୍ୱର ବାସ କରୁଥିବାରୁ ବେଲ ବୃକ୍ଷକୁ ପୂଜା କରାଯାଇଥାଏ ।

ବେଲ ପଣା ସଙ୍କଟମୋଚନ ହନୁମାନଙ୍କର ଅତି ପ୍ରିୟ । ତେଣୁ ଏହାର ପଣାକୁ ମହାବିଷୁବ ସଂକ୍ରାନ୍ତିରେ ଭୋଗ କରାଯାଇ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥାଏ । ବେଲ ସ୍ୱାସ୍ଥ୍ୟ ପାଇଁ ବହୁ ଉପକାରୀ । କଞ୍ଚା ବେଲକୁ ସିଝାଇ ଖାଇବା ଫଳରେ ପେଟ ରୋଗ ଦୂର ହୋଇଥାଏ ।

ବେଲ ପତ୍ରକୁ ସକାଳୁ ଖାଲି ପେଟରେ ଚୋବାଇ ଖାଇଲେ ବଦହଜମୀ ଓ ପେଟ ରୋଗ ଦୂର ହୋଇଥାଏ ।



ପାଚିଲା ବେଲ ଜୁସ୍ ପିଇବା ହୃଦରୋଗୀଙ୍କ ଷ୍ଟୋକ୍ ଆଶଙ୍କା ଦୂର କରିଥାଏ । ଏଥି ସହିତ ପିଲାଙ୍କ କୃମି ରୋଗ ନାଶ ହୋଇଥାଏ ।

ବେଲ ପତ୍ରକୁ ନିୟମିତ ଚୋବାଇ ଖାଇବା ଦ୍ୱାରା ପାଇରିଆ ରୋଗ ଦୂର ହେବା ସହିତ ଦାନ୍ତ ମଜଭୁତ ହୋଇଥାଏ ।

ଶ୍ୱାସ ରୋଗୀଙ୍କ ଚିକିତ୍ସା ପାଇଁ ବେଲ ତେଲ ଖୁବ୍ ଉପକାରୀ ।

ଗର୍ଭବତୀଙ୍କ ବାନ୍ତିକୁ ବନ୍ଦ କରିବାକୁ ଚାହୁଁଥିଲେ ପ୍ରତିଦିନ ବେଲ ପତ୍ର ଖାଆନ୍ତୁ । ଗ୍ରୀଷ୍ମ ଦିନରେ ଲୁ' କବଳରୁ ରକ୍ଷା ପାଇବା ପାଇଁ ବେଲ ପଣା ଉପଯୋଗୀ । ମାସିକ ଋତୁ ଅନିୟମିତା ଲାଗି ନିୟମିତ ପାଇଁ ପାଚିଲା ବେଲ ଖାଇବା ଉଚିତ ।

## କହିପାରିବେ କି ?

(୧) ଦୁନିଆର ସବୁଠାରୁ ବଡ଼ ହ୍ରଦର ନାଁ କ'ଣ ?

(୨) ବିଶ୍ୱର ସବୁଠାରୁ ବଡ଼ ବନ୍ଧ କେଉଁଠାରେ ଅବସ୍ଥିତ ?

(୩) ଭାରତର ସବୁଠାରୁ ଦୀର୍ଘତମ ରାସ୍ତାର ନାମ କ'ଣ ?

(୪) ଭାରତର କେଉଁ ରାଜ୍ୟରେ ସବୁଠାରୁ ଦୀର୍ଘ ?

(୫) ଭାରତର ଦୀର୍ଘ ତମ ଜାତୀୟ ରାଜପଥ କେଉଁଠାରେ ଅବସ୍ଥିତ ?

(୬) ଶନିର ସବୁଠାରୁ ବଡ଼ ଉପଗ୍ରହର ନାମ କ'ଣ ?

(୭) ଅଲିମ୍ପସ୍ ମନ୍‌ସ କେଉଁ ଗ୍ରହରେ ଥିବା ଏକ ଆଗ୍ନେୟ ଗିରି ?

(୮) ଜଳ କେଉଁ ତାପମାତ୍ରାରେ ଜମାଟ ବାନ୍ଧିଥାଏ ?

(୯) ବିଶ୍ୱରେ ଥିବା ସମସ୍ତ ମହାସାଗର ମଧ୍ୟରେ ସବୁଠାରୁ ଗଭୀର ସ୍ଥାନ କେଉଁଟି ?

(୧୦) ବିଶୁଦ୍ଧ ଜଳର ପିଏଚ୍ ସ୍ତର କେତେ ?

### JUMBLE WORDS

| | | | |
|---|---|---|---|
| 1) MNHAU | = | 6) CGEOK | = |
| 2) BHUYB | = | 7) TNIEEC | = |
| 3) CPOCYU | = | 8) VAYCIT | = |
| 4) GATUCH | = | 9) ZAREC | = |
| 5) IGDRI | = | 10) MEHET | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ନୀଳନଦୀ, ୨. ଭୁଲ୍, ୩.ଠିକ୍, ୪.ଆରାକ୍‌ନୋଫୋବିୟା, ୫.ଠିକ୍, ୬.ବୋନ୍‌ମ୍ୟାରୋ, ୭.ଶନି, ୮.ନାଇଟ୍ରୋଜେନ୍ (୭୮%).୯.ସ୍ୱେଦଗ୍ରନ୍ଥି, ୧୦. ନେପ୍‌ଚୁନ୍ ।

***Jumble Words*** ର ଉତ୍ତର :-

(1) SKETCH (2) BEMOAN (3) GOING (4) MOSSY (5) DUGOUT (6) SWITCH (7) FLUTE (8) WEAVE (9) HYPHEN (10) DETECT

# ଦୁଷ୍କର୍ମ କରି ସୁଖ ଚାହିଁଲେ ତାହା ମିଳିବ କିପରି ?

ସନାତନ ଧର୍ମର ବିବିଧ ଶାସ୍ତ୍ରରେ କର୍ମଫଳ ବିଧାନର ଚର୍ଚ୍ଚା କରାଯାଇଛି ଏବଂ କୁହାଯାଇଛି ଯେ କର୍ମାନୁସାର ଫଳ ଭୋଗିବାର ସିଦ୍ଧାନ୍ତ ଅକାଟ୍ୟ । ମନୁଷ୍ୟ ଯେପରି କର୍ମ କରେ ତାକୁ ଆଜି ନ ହେଲେ କାଲି ସେପରି ଫଳ ଅବଶ୍ୟ ପ୍ରାପ୍ତ ହୋଇଥାଏ । ଏହା ସୁନିଶ୍ଚିତ, ଅଟଳ, ଅଲିଭା ଓ ଅକାଟ୍ୟ । ଯଦି ଆଜି ଆମେ ସୁଖୀ ଅଛେ ତ ଏହା ଆମ କର୍ମର ହିଁ ପରିଣାମ । ଯଦି ଆମେ ଦୁଃଖୀ ଅଛେ ତ ଏହା ମଧ ଆମ ଦ୍ୱାରା କରାଯାଇଥିବା କର୍ମର ପରିଣାମ, ପ୍ରତିଫଳ, ପୁରସ୍କାର, ପାରିଶ୍ରମିକ । ତେଣୁ ଆଜି ଆମର ବର୍ତ୍ତମାନ ସ୍ଥିତି ଭଲ ବା ମନ୍ଦ ଯେପରି ଭାବରେ ଆମ ସାମନାରେ ଅଛି, ତାହା ଅତୀତରେ ତା ପୂର୍ବଜନ୍ମରେ ଆମ ଦ୍ୱାରା କୃତ ଶୁଭ- ଅଶୁଭ, ଭଲ-ମନ୍ଦ, ପାପ-ପୁଣ୍ୟ ଆଦି କର୍ମର ହିଁ ପରିଣାମ । ଏହିପରି ଭବିଷ୍ୟତରେ ଅଥବା ଆଗାମୀ ଜନ୍ମରେ ଆମେ ଯେପରି ସ୍ଥିତିରେ ରହିବା, ତାହା ଆମ ଦ୍ୱାରା ବର୍ତ୍ତମାନରେ କରାଯାଇଥିବା କର୍ମ ଅଥବା ଆମର ସଞ୍ଚିତ କର୍ମଗୁଡିକର ପରିଣାମ ହେବ ।

କର୍ମ ତିନି ପ୍ରକାରର ହୋଇଥାଏ- କ୍ରିୟମାଣ, ସଞ୍ଚିତ ଓ ପ୍ରାରବଧ । ଆମେ ବର୍ତ୍ତମାନରେ ଯାହା ବି ଭଲ ମନ୍ଦ କର୍ମ କରୁଛେ, ତାହା କ୍ରିୟମାଣ କର୍ମ ଅଟେ ଏବଂ ବର୍ତ୍ତମାନ ପୂର୍ବରୁ ଅତୀତରେ, ଏହି ଜନ୍ମରେ ଅଥବା ପୂର୍ବର ଅନେକ ମନୁଷ୍ୟ ଜନ୍ମରେ କରାଯାଇଥିବା ଯେଉଁ ଭଲ ମନ୍ଦ କର୍ମ ସଂଗୃହୀତ ହୋଇ ରହିଛି, ସଞ୍ଚିତ ହୋଇ ରହିଛି, ସେଗୁଡିକୁ ସଞ୍ଚିତ କର୍ମ କୁହାଯାଏ । ସେହି ସଞ୍ଚିତ କର୍ମଗୁଡିକ ମଧରୁ ଯାହା ଏବେ ଫଳ ଦେବା ପାଇଁ ପ୍ରସ୍ତୁତ ହୋଇଯାଇଛି, ପ୍ରକଟ ହୋଇଯାଇଛି, ଉନ୍ମୁଖ ହୋଇଯାଇଛି, ଅର୍ଥାତ୍ ଫଳ ରୂପେ ସାମନାକୁ ଆସି ଯାଇଥିବା ସୁଖ-ଦୁଃଖ, ହାନି-ଲାଭ, ଯଶ- ଅପଯଶ, ମାନ-ଅପମାନ, ଅନୁକୂଳ- ପ୍ରତିକୂଳ ପରିସ୍ଥିତିଗୁଡିକୁ ହିଁ ପ୍ରାରବ୍ଧ କର୍ମ କୁହାଯାଏ ।

ଏହିପରି ଆମ ଦ୍ୱାରା କରାଯାଇଥିବା କର୍ମ ହିଁ ଶେଷରେ ସୁଖ ଦୁଃଖ ରୂପେ ଆମ ଜୀବନରେ ପ୍ରକଟ ହୋଇଥାଏ ଏବଂ ସେହି କର୍ମଗୁଡିକର ଫଳ ଆମକୁ ଭୋଗିବାକୁ ପଡିଥାଏ । ସେହି କର୍ମ ଜନ୍ମ ଜନ୍ମାନ୍ତର ପର୍ଯ୍ୟନ୍ତ ଆମର ପିଛା କରିଥାଏ । ଖରାରେ ଚାଲିଲା ବେଳେ ଆମର ଆକୃତିଗତ ଛାୟା ଯେପରି ଆମ ସହିତ ଚାଲିଥାଏ, ସେହିପରି ଆମର କର୍ମ, ଆମର କର୍ମ ସଂସ୍କାର ମଧ ଆମ ସହିତ ଚାଲିଥାଏ । ଏ ସମ୍ବନ୍ଧରେ ସନ୍ଥ କବୀର ସୁନ୍ଦର ଭାବରେ କହିଛନ୍ତି- ପ୍ରାଣୀ ଯେଉଁଆଡେ ଯାଏ, ତା'ର କର୍ମ ବରାବର ତା' ସହିତ ରହିଥାଏ । ଯାହା ପ୍ରାରବ୍ଧରେ ପ୍ରସ୍ତୁତ ହୋଇଛି, ତାହାକୁ ଭୋଗିବା ନିଶ୍ଚିତ । ତାହା ଟଳି ପାରିବ ନାହିଁ । 'ପ୍ରାରବ୍ଧ କର୍ମଗୁଡିକର ଫଳ ମିଳିବା ନିଶ୍ଚିତ । କିନ୍ତୁ ସେ ଗୁଡିକର ଅନୁକୂଳ ପରିସ୍ଥିତି ପ୍ରାପ୍ତ ହେବାରେ କିଛି ସମୟ ଲାଗିଯାଏ । ଏହି ସମୟ କେତେ ଦିନର ହୋଇଥାଏ, ଏ ସମ୍ବନ୍ଧରେ କିଛି ନିୟମ ମର୍ଯ୍ୟାଦା ନାହିଁ । ତାହା ଆଜି ବି ହୋଇପାରେ ଏବଂ କିଛି ଜନ୍ମ ପରେ ବି ହୋଇପାରେ । କିନ୍ତୁ ପ୍ରାରବ୍ଧ ଫଳ ଅଚାନକ ଘଟିଯାଏ ଓ ତା ଉପରେ ମନୁଷ୍ୟର କୌଣସି ନିୟନ୍ତ୍ରଣ ନ ଥାଏ ।

ଏଣୁ ଆମ କର୍ମଗୁଡିକର ଫଳ ଆମକୁ ଆଜି ନ ହେଲେ କାଲି ମିଳିବା ସୁନିଶ୍ଚିତ । ହଁ ! ଯେଉଁ କର୍ମଗୁଡିକର ଫଳ ଆମେ ଏଇ ଜନ୍ମରେ ସମ୍ପୂର୍ଣ୍ଣ ରୂପେ ଭୋଗିପାରି ନ ଥାଉ, ସେଗୁଡିକୁ ଆମେ ପରବର୍ତ୍ତୀ ଜନ୍ମରେ ଅବଶ୍ୟ ଭୋଗିବାକୁ ପଡିବ । ମରିଗଲେ ଆମ ଶରୀରର ମୃତ୍ୟୁ ହୋଇଥାଏ, କିନ୍ତୁ ଆମ ମନର, ଚିତ୍ତର, ଆତ୍ମାର, ଆମ କର୍ମାଶୟର ମୃତ୍ୟୁ ହୋଇ ନ ଥାଏ । ମରିବା ପରେ ଶରୀର ଅଗ୍ନିରେ ଭସ୍ମୀଭୂତ ହୋଇଯାଏ ବା କବରରେ ପୋତା ହେଲେ ଶେଷରେ ମାଟିରେ ମିଶିଯାଏ । ପଞ୍ଚତତ୍ତ୍ୱରେ ନିର୍ମିତ ଶରୀର ଶେଷରେ ପଞ୍ଚତତ୍ତ୍ୱରେ ହିଁ ବିଲୀନ ହୋଇଯାଏ । ଆମର କର୍ମ, ଆମର କର୍ମ ସଂସ୍କାର ଆମର ମନ ଓ ଆତ୍ମା ସହିତ ଚାଲିଯାଏ ଏବଂ ସେହି କର୍ମ ସଂସ୍କାର ଆଧାରରେ ହିଁ ଆମକୁ ନୂଆ ଜୀବନ ମିଳେ, ନୂଆ ଶରୀର ମିଳେ, ନୂଆ ଘର ପରିବାର ମିଳେ । ନୂଆ ପରିସ୍ଥିତି ବି ମିଳିଥାଏ ।

ଏହି ଆଧାରରେ କାହାର ଜନ୍ମ କୌଣସି କୁଳୀନ ପରିବାରରେ, ସମୃଦ୍ଧ ପରିବାରରେ, ସୁଖୀ ପରିବାରରେ ତ କାହାର ଜନ୍ମ କୌଣସି ଦୁଃଖୀ ବା ଅଭାବୀ ଘରେ ହୋଇଥାଏ । କିଏ ଜନ୍ମ ହେବା ମାତ୍ରେ ସୁନାର ଝୁଲଣା ପାଏ, ସୁଖ ଓ ଐଶ୍ୱର୍ଯ୍ୟରେ ପ୍ରତିପାଳିତ ହୁଏ, ତ କିଏ ବିଷୟମ, ଦୁଃଖଦ, ପରିସ୍ଥିତିରେ ଜନ୍ମ ନେଇ ଜୀବନ ସାରା ବିଳାପ କରିଥାଏ, କାନ୍ଦିଥାଏ ଓ ଶୋକ କରିଥାଏ । କିନ୍ତୁ ଏପରି ଅକାରଣରେ ହୁଏ ନାହିଁ । ଏହି ଦୁଃଖଦ ଓ ସୁଖଦ ପରିସ୍ଥିତି ଗୁଡିକରେ ଜନ୍ମ ନେବାର ମୂଳରେ ଆମ ଦ୍ୱାରା କରାଯାଇଥିବା ଭଲ ମନ୍ଦ କର୍ମ ହିଁ ଥାଏ । ଯଦି କର୍ମଫଳର ବିଧାନ ସତ୍ୟ ତେବେ ଭ୍ରଷ୍ଟ, ବେଇମାନ, ଅନୀତି ମାର୍ଗରେ ଚାଲୁଥିବା, ଖରାପ କର୍ମ କରୁଥିବା, ଅନ୍ୟମାନଙ୍କୁ ଦୁଃଖ ଓ କଷ୍ଟ ଦେଉଥିବା ଲୋକେ ସୁଖ ଶାନ୍ତି ଓ ଅୟସ ଆରାମର ଜୀବନ କିପରି ପ୍ରାପ୍ତ କରନ୍ତି ? ସେମାନଙ୍କ ଜୀବନରେ ତ ଦୁଃଖ ଓ ବେଦନା ରହିବା କଥା । ଅନ୍ୟ ପକ୍ଷରେ ଶୁଭ, ପୁଣ୍ୟ ଓ ଉତ୍ତମ ମାର୍ଗରେ, ନୀତି ମାର୍ଗରେ, ଧର୍ମ ମାର୍ଗରେ ଚାଲୁଥିବା ଲୋକଙ୍କ ଜୀବନରେ ଦୁଃଖ ହିଁ ଦୁଃଖ ଦେଖିବାକୁ ମିଳେ । ଏପରି କାହିଁକି ?

ମନ୍ଦ କର୍ମ କରୁଥିବା ଲୋକେ କିଛି ସମୟ ପାଇଁ ସୁଖ, ଶାନ୍ତି, ଅୟସ ଆରାମର ଜୀବନ ବିତାଉଥିବା କଥା ସତ୍ୟ । ସେମାନଙ୍କ ଜୀବନରେ ବର୍ତ୍ତମାନ ଯେଉଁ ସୁଖ -ଶାନ୍ତି, ଅୟସ-ଆରାମ, ସମୃଦ୍ଧି ଆଦି ସୁଖଦ ପରିସ୍ଥିତି ଦେଖାଯାଏ ତାହା ସେମାନଙ୍କ ଦ୍ୱାରା ଅତୀତରେ ବା ପୂର୍ବଜନ୍ମରେ କରାଯାଇଥିବା ଶୁଭ କର୍ମ, ପୁଣ୍ୟ କର୍ମ, ଉତ୍ତମ କର୍ମଗୁଡିକର ପରିଣାମ ଅଟେ । ଏହା ବର୍ତ୍ତମାନ ସେମାନଙ୍କ ଦ୍ୱାରା କରାଯାଉଥିବା ମନ୍ଦ କର୍ମର ପରିଣାମ ନୁହେଁ । ଅତୀତରେ ସେମାନେ ଯେଉଁ ଶୁଭ କର୍ମର ବୀଜ ବୁଣିଥିଲେ ଆଜି ତାହା ବୃକ୍ଷ ହୋଇଯାଇଛି, ଯାହାର ମଧୁର ଫଳ ଆଜି ସେମାନଙ୍କୁ ମିଳୁଛି ଏବଂ ବର୍ତ୍ତମାନ ସେମାନେ ଯେଉଁ ମନ୍ଦ କର୍ମ କରୁଛନ୍ତି ତାହା ଭବିଷ୍ୟତରେ ବା ଆଗାମୀ ଜନ୍ମରେ ସେମାନଙ୍କୁ ମନ୍ଦ ଫଳ ରୂପେ ପ୍ରାପ୍ତ ହେବ । ସେହି ବୀଜ ବୁଣିବା ମାତ୍ରେ ବୃକ୍ଷ ହୋଇଯାଏ ନାହିଁ । ତେଣିକି କୌଣସି ବୀଜ ମନ୍ଦ କର୍ମର ହେଉ ବା ଭଲ କର୍ମର । ତାକୁ ବୃକ୍ଷ ହେବାରେ, ଫଳ ହେବାରେ ସମୟ ଲାଗିଥାଏ । ସମୟାନୁସାର ସେଥିରେ କର୍ମାନୁସାର ଫଳ ଲାଗିବା ସୁନିଶ୍ଚିତ । ଯାହା କି ସନ୍ଥ କବୀର କହିଛନ୍ତି- କେହି ମନ୍ଦ କର୍ମ କରି ସୁଖ ଚାହିଁଲେ ତାହା ସେ କିପରି ପାଇବ । ବବୁରର ବୃକ୍ଷ ଲଗାଇଲେ ଆମ୍ବ ଫଳ କିପରି ମିଳି ପାରିବ ।

ଏଣୁ ଯେବେ କର୍ମଫଳ ବିଧାନ ଅଟଳ, କର୍ମର ଫଳ ମିଳିବା ସୁନିଶ୍ଚିତ ତେବେ ଆମେ ନିଜ ଜୀବନରେ ଶୁଭ କର୍ମ, ପୁଣ୍ୟ କର୍ମ ହିଁ କରିବା ନାହିଁ କାହିଁକି ? ହଁ, ଶୁଭ କର୍ମର ଫଳ ତ ଶୁଭ ହେବ, କିନ୍ତୁ ଶୁଭ କର୍ମର ସଂସ୍କାର ଯୋଗୁଁ ବି ବନ୍ଧନ ସୃଷ୍ଟି ହେବ, ଆମକୁ ଜନ୍ମ ମରଣର ଚକ୍ରରେ ଭ୍ରମିତ କରିବ । ତାହେଲେ ପୁଣି କିପରି କର୍ମ କରିବା, ଯଦ୍ୱାରା ଆମକୁ ଶୁଭ ଫଳ, ମଧୁର ଫଳ ପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ସେହି କର୍ମ ଯୋଗୁଁ କୌଣସି ବନ୍ଧନ ସୃଷ୍ଟି ହେବ ନାହିଁ, ସେଥିରେ ଆମେ ବାନ୍ଧି ହେବା ନାହିଁ ? ଏହାର ଏକମାତ୍ର ମାର୍ଗ, ଏକମାତ୍ର ଉପାୟ ହେଉଛି ନିଷ୍କାମ କର୍ମ । ଆମେ କର୍ମ କରିବା, କିନ୍ତୁ ନିଷ୍କାମ ଭାବରେ କରିବା, ଅନାସକ୍ତ ଭାବରେ କରିବା, କର୍ତ୍ତାପଣର ଭାବରେ ନୁହେଁ, ଅକର୍ତ୍ତାର ଭାବରେ ଆମେ କର୍ମ କରିବା ଫଳ ପ୍ରାପ୍ତିରେ ଆସକ୍ତ ନ ହୋଇ ଅନାସକ୍ତ ହୋଇ କରିବା ।

ଆମେ ଯାହା ବି ଶୁଭ କର୍ମ କରିବା, ସତକର୍ମ କରିବା, ପୁଣ୍ୟ କର୍ମ କରିବା, ସେଗୁଡିକୁ ଈଶ୍ୱରଙ୍କ ଚରଣରେ ଅର୍ପଣ କରୁଥିବା ସେହି କର୍ମଗୁଡିକର ପରିଣାମକୁ ବି ଅର୍ପଣ କରୁଥିବା, ଅର୍ଥାତ୍ ଆମେ ଯାହା ବି କର୍ମ କରୁଛେ, ତାହା ଈଶ୍ୱରଙ୍କ ପାଇଁ ବି କରୁଛେ । ଆମେ ତ କର୍ମ କରୁଥିବା ଈଶ୍ୱରଙ୍କ ଉପକରଣ ମାତ୍ର, କର୍ତ୍ତା ନୋହୁଁ । ଏପରି କଲେ ସେହି କର୍ମଗୁଡିକର ପରିଣାମ ଯାହା ହେଉନା କାହିଁକି, ଆମେ ସେଥିରୁ ଅସ୍ପର୍ଶ ରହିବା । ନିଜର ପ୍ରତ୍ୟେକ କର୍ମକୁ ଈଶ୍ୱରଙ୍କୁ ଅର୍ପଣ-ସମର୍ପଣ କରିଦେଲେ ଆମେ ସୁଖ-ଦୁଃଖ, ସଫଳତା- ଅସଫଳତା, ମାନ ଅପମାନ ଆଦି ଉଭୟ ସ୍ଥିତିରେ ସମଭାବର ସ୍ଥିତିରେ ରହିଥାଉ ।

ସେତେବେଳେ ଆମ ଜୀବନରେ ନିରାଶା, ଚିନ୍ତା, ଅସନ୍ତୋଷ ଆଦି ନକାରାତ୍ମକ ଭାବ, ବିଚାର ପାଇଁ କୌଣସି ସ୍ଥାନ ରହେ ନାହିଁ । ଆମେ ପ୍ରତ୍ୟେକ ସ୍ଥିତିରେ ସକାରାତ୍ମକ ଓ ଉର୍ଜାଃବାନ ହୋଇ ରହିଥାଉ । ସତକଥା ହେଲା ସେତେବେଳେ ସେହି କର୍ମଗୁଡିକରେ ଆମେ ନିଜର ସମସ୍ତ ଶାରୀରିକ, ମାନସିକ ତଥା ଆତ୍ମିକ ଉର୍ଜାଃ ଲଗାଇ ପାରିବା । ଏହା ହିଁ କର୍ମଯୋଗ, ଯାହା ସବୁ ପ୍ରକାର କର୍ମବନ୍ଧନରୁ ଆମକୁ ମୁକ୍ତ କରି ପାରିବ ଏବଂ ଆମ ମୁକ୍ତିର ମାର୍ଗ ପ୍ରଶସ୍ତ କରି ପାରିବ । ସେତେବେଳେ ଆମ କର୍ମ ହିଁ ଅକର୍ମ ହେବାରେ ଲାଗିବ ଏବଂ ଆମର କର୍ମଗୁଡିକ ଅକର୍ମ ହେବା ମାତ୍ରେ ସେଗୁଡିକ ସହିତ ଆମର କୌଣସି ବନ୍ଧନ ହେବ ନାହିଁ କି କୌଣସି ସଂସ୍କାର ହେବ ନାହିଁ ପ୍ରଭାବ ପଡିବ ନାହିଁ ।

ଅକର୍ମ ଅବସ୍ଥାରେ ଅର୍ଥାତ୍ ନିଜର ଆତ୍ମସ୍ୱରୂପର ଅନୁଭବ ହୋଇଗଲେ ଆମ ଶରୀର ଦ୍ୱାରା, ମନ ଦ୍ୱାରା, ଯାହା ବି କ୍ରିୟା ହୋଇଥାଏ ତାହା ଅକର୍ମରେ କର୍ମ ଅଟେ । ନିଜ ନିର୍ଲିପ୍ତ ସ୍ୱରୂପର, ଆତ୍ମ ସ୍ୱରୂପର ଅନୁଭବ ନ ହେଲେ ଆମ ଶରୀର ବା ମନ ଦ୍ୱାରା ଯେଉଁ କ୍ରିୟା ହୋଇଥାଏ, ତାହା କର୍ମ ହୋଇଯାଏ, ବନ୍ଧନ ହୋଇଯାଏ । ସେତେବେଳେ ଜୀବାତ୍ମାକୁ ପ୍ରକୃତିରୁ ବା ଶରୀରରୁ ନିଜ ପୃଥକତାର ଅନୁଭବ ହୁଏ ନାହିଁ ।

ନିଜ ଶରୀର ଓ ପ୍ରକୃତି ସହିତ ସମ୍ବନ୍ଧ ଯୋଡିବା କାରଣରୁ ଆମ ଶରୀରର କ୍ରିୟା, ପ୍ରକୃତିର କ୍ରିୟା ଆମ ପାଇଁ କର୍ମ ହୋଇଯାଏ, କାରଣ ପ୍ରକୃତି ସହିତ ଶରୀର ସହିତ ସମ୍ବନ୍ଧ ମାନିବା ଦ୍ୱାରା ତା ସହିତ ଜୀବାତ୍ମାର ତାଦାତ୍ମ୍ୟ ହୋଇଯାଏ । ତାଦାତ୍ମ୍ୟ ହୋଇଯିବା ଦ୍ୱାରା ଯେଉଁ ପ୍ରାକୃତ ବସ୍ତୁ ପ୍ରାପ୍ତ ହୋଇଛି ବା ହୋଇଥାଏ, ସେଗୁଡିକ ପ୍ରତି ମମତା ହୋଇଥାଏ, ଆସକ୍ତି ହୋଇଥାଏ ।

ମମତା ଓ ଆସକ୍ତି ହେଲେ ଅପ୍ରାପ୍ତ ବସ୍ତୁଗୁଡିକର କାମନା ହୋଇଥାଏ । ଏହିପରି କାମନା, ମମତା, ଆସକ୍ତି ଓ ତାଦାତ୍ମ୍ୟ ଥିବା ପର୍ଯ୍ୟନ୍ତ ଆମ ଦ୍ୱାରା ଯାହା ବି କ୍ରିୟା ହୋଇଥାଏ, ତାହା କର୍ମ ହୋଇଯାଏ । ତେଣୁକରି ଆମର କୌଣସି କ୍ରିୟା ଯେପରି କର୍ମ ନ ହୁଏ, ଆମର ପ୍ରତ୍ୟେକ କର୍ମରେ ଯେପରି ଅକର୍ମ ଘଟିତ ହୁଏ, ସେଥିପାଇଁ ପ୍ରତ୍ୟେକ କର୍ମକୁ ଆମେ ବ୍ରହ୍ମଭାବ, ଈଶ୍ୱର ଭାବର ସହିତ କରିବା ଦରକାର, ଆମକୁ ନିଜର ଆତ୍ମସ୍ୱରୂପ, ବ୍ରହ୍ମସ୍ୱରୂପରେ ସ୍ଥିତ ହୋଇ କର୍ମ କରିବା ଉଚିତ । ଜାଗ୍ରତ ହୋଇଯିବା ପରେ ଯେପରି ସ୍ୱପ୍ନରେ ଦେଖିଥିବା ଜିନିଷ, ବସ୍ତୁଗୁଡିକର ପ୍ରତି ବ୍ୟକ୍ତିର ମମତା, ଆସକ୍ତି ହୁଏ ନାହିଁ, ସେଗୁଡିକ ସହିତ କୌଣସି ତାଦାତ୍ମ୍ୟ ରହେ ନାହିଁ । ସେହିପରି ବ୍ରହ୍ମ ଭାବରେ, ଆତ୍ମଭାବରେ ସ୍ଥିତ ହୋଇ କର୍ମ କରିବା ଦ୍ୱାରା କର୍ମ ଅକର୍ମ ହେବାରେ ଲାଗେ । ସେହି କର୍ମର କୌଣସି ବନ୍ଧନ, କୌଣସି ସଂସ୍କାର ହୋଇ ନ ଥାଏ ।

ଏଣୁ ବ୍ରହ୍ମ ଭାବରେ କରାଯାଇଥିବା କର୍ମ, ଈଶ୍ୱର ସମର୍ପିତ କର୍ମ, ନିଷ୍କାମ କର୍ମ, ଅନାସକ୍ତ କର୍ମ, ଅକର୍ତ୍ତା ଭାବରେ କରାଯାଇଥିବା କର୍ମ ହିଁ ଆମର ପ୍ରତ୍ୟେକ କ୍ରିୟାକୁ ସଂସ୍କାର ଓ ବନ୍ଧନ ଦୃଷ୍ଟିରୁ ନିଷ୍କ୍ରିୟ କରିଥାଏ, ପ୍ରତ୍ୟେକ କ୍ରିୟାକୁ କର୍ମ ନୁହେଁ ଅକର୍ମ କରିଥାଏ ଏବଂ ଆମର ପ୍ରତ୍ୟେକ କ୍ରିୟାକୁ ବନ୍ଧନ ରହିତ ଓ ସଂସ୍କାର ରହିତ କରିଥାଏ ।

ଜାଗ୍ରତ ହୋଇ ଯିବା ପରେ ଯେପରି ସ୍ୱପ୍ନାବସ୍ଥାର କର୍ମ ଲୀନ ହୋଇଯାଏ, ସେହିପରି 'ମୁଁ ବ୍ରହ୍ମ ଅଟେ' ଏପରି ଜ୍ଞାନ ହେବା ମାତ୍ରେ କୋଟି କୋଟି କଳ୍ପର ସଞ୍ଚିତ କର୍ମ ନଷ୍ଟ ହୋଇଯାଏ । ସ୍ୱପ୍ନାବସ୍ଥାରେ ଯେଉଁ ବଡ଼ରୁ ବଡ଼ ପୁଣ୍ୟ ଅଥବା ପାପ କରାଯାଏ, ଜାଗ୍ରତ ହେବା ପରେ ତାହା କ'ଣ ସ୍ୱର୍ଗ ଅଥବା ନରକ ପ୍ରାପ୍ତିର କାରଣ ହୋଇପାରେ ? ନିଷ୍କାମ କର୍ମ ଅର୍ଥାତ୍ କର୍ମଯୋଗ ସମ୍ବନ୍ଧରେ ସ୍ୱାମୀ ବିବେକାନନ୍ଦ ଠିକ୍ ଭାବରେ କହିଛନ୍ତି- 'କର୍ମଯୋଗର ଅର୍ଥ ମୃତ୍ୟୁ ମୁଖରେ ପଡିଥିଲେ ବି ବିନା କୌଣସି ତର୍କ ବିତର୍କରେ ସମସ୍ତଙ୍କର ସହାୟତା କରିବା । ତୁମେ ଭଲା ଲକ୍ଷେ ଥର ଠକି ହୋଇଯାଇଥିଲେ ବି ମୁହଁରୁ ସେ ସମ୍ବନ୍ଧରେ ପଦେ କଥା ବାହାର କର ନାହିଁ ଏବଂ ତୁମେ ଯାହା କିଛି ଉତ୍ତମ କାର୍ଯ୍ୟ କରୁଛ, ସେ ସମ୍ବନ୍ଧରେ ଚିନ୍ତା କର ନାହିଁ । ନିର୍ଦ୍ଧନ ପ୍ରତି କରାଯାଇଥିବା ଉପକାର ପାଇଁ ଗର୍ବ କର ନାହିଁ ଓ ତା' ଠାରୁ କୃତଜ୍ଞତାର ଆଶା ରଖ ନାହିଁ, ବରଂ ତୁମେ ତା' ପ୍ରତି କୃତଜ୍ଞ ହୋଇଯାଅ, ଭାବନା କର ଯେ ସେ ତୁମକୁ ଦାନ ଦେବାର ଏକ ସୁଯୋଗ ଦେଲା । କିଛି ବି ମାଗ ନାହିଁ । ପ୍ରତି ବଦଳରେ କୌଣସି ଇଚ୍ଛା ରଖ ନାହିଁ । ତୁମେ ଯାହା କିଛି ଦେବା କଥା ଦେଇ ଦିଅ । ତାହା ତୁମ ପାଖକୁ ଫେରି ଆସିବ, କିନ୍ତୁ ଆଜି ତାହାର ବିଚାର କର ନାହିଁ । ତାହା ହଜାର ଗୁଣ ହୋଇ ଫେରି ଆସିବ, କିନ୍ତୁ ସେଥି ପ୍ରତି ତୁମେ ଦୃଷ୍ଟି ଦିଅ ନାହିଁ । ଦେବାର କ୍ଷମତା ଉତ୍ପନ୍ନ କର, ଦେଇ ଦିଅ । ଦେଇ ଦିଅ ବାସ୍ କାମ ଶେଷ ହୋଇଗଲା । ପ୍ରକୃତି ତୁମକୁ ଦେବା ପାଇଁ ବାଧ କରିବ । ତେଣୁକରି ସ୍ୱେଚ୍ଛାପୂର୍ବକ ଦେଇ ଦିଅ । ଅନାସକ୍ତ ରହ, କିନ୍ତୁ ମାର୍ଗର ବିପତ୍ତି ସମ୍ବନ୍ଧରେ ଚିନ୍ତା କର ନାହିଁ । ଭଲା ଆମକୁ ପ୍ରତ୍ୟେକ କାର୍ଯ୍ୟରେ ଅସଫଳତା ମିଳୁ, ଆମ ଶରୀର ଖଣ୍ଡ ଖଣ୍ଡ ହୋଇଯାଉ ଏବଂ ରକ୍ତର ଧାରା ବୋହିଯାଉ, ତଥାପି ଆମକୁ ନିଜର ହୃଦୟ ସ୍ଥିର ରଖିବାକୁ ହେବ, ଏହି ବିପତ୍ତି ମଧରେ ହିଁ ଆମକୁ ନିଜ ଈଶ୍ୱରତ୍ୱର ଘୋଷଣା କରିବାକୁ ହେବ । ନିଷ୍କାମ ଓ ଅନାସକ୍ତ ହୋଇ କାର୍ଯ୍ୟ କରିବା ଦ୍ୱାରା ଆମକୁ ପରମ ଆନନ୍ଦ ଓ ମୁକ୍ତି ପ୍ରାପ୍ତ ହେବ । ଏଣୁ ଯଦି ଆମେ ସବୁ ପ୍ରକାର କର୍ମବନ୍ଧନରୁ ମୁକ୍ତ ହେବାକୁ ଚାହୁଁଛେ ଓ ସର୍ବଦା ଶାଶ୍ୱତ ଆନନ୍ଦ ପାଇବାକୁ ଚାହୁଁଛେ, ତାହେଲେ ଆମେ ନିଷ୍କାମ କର୍ମ କରିବା ଦରକାର, ଅନାସକ୍ତ କର୍ମ କରିବା ଦରକାର, ଅକର୍ତ୍ତାଭାବରେ କର୍ମ କରିବା ଉଚିତ, ଈଶ୍ୱର ସମର୍ପିତ କର୍ମ ହିଁ କରିବା ଆବଶ୍ୟକ ।

# ଦ୍ରୌପଦୀ ମୁର୍ମୁଙ୍କ ରେକର୍ଡ

ପ୍ରଥମ ଆଦିବାସୀ ରାଷ୍ଟ୍ରପତି : ଦ୍ରୌପଦୀ ମୁର୍ମୁ ଦେଶର ପ୍ରଥମ ଆଦିବାସୀ ଯେ କି ରାଷ୍ଟ୍ରପତି ପଦରେ ନିର୍ବାଚିତ ହୋଇଛନ୍ତି । ଆଜି ପର୍ଯ୍ୟନ୍ତ କୌଣସି ରାଷ୍ଟ୍ରପତି ଆଦିବାସୀ ସମାଜରୁ ଆସିନାହାନ୍ତି । ପ୍ରଥମ ମହିଳା ଆଦିବାସୀ ଭାବେ ଦେଶର ରାଷ୍ଟ୍ରପତି ନିର୍ବାଚିତ ହୋଇ ସେ ପୁଣି ଏକ ରେକର୍ଡ ବନାଇଛନ୍ତି ।

ସ୍ୱାଧୀନତା ପରେ ଜନ୍ମ ପ୍ରଥମ ରାଷ୍ଟ୍ରପତି : ଆଜି ପର୍ଯ୍ୟନ୍ତ ହୋଇଥିବା ସମସ୍ତ ରାଷ୍ଟ୍ରପତି ସ୍ୱାଧୀନତା ପୂର୍ବରୁ ଅର୍ଥାତ୍ ୧୯୪୭ ପୂର୍ବରୁ ଜନ୍ମଗ୍ରହଣ କରିଥିଲେ । ଦ୍ରୌପଦୀ ମୁର୍ମୁ ପ୍ରଥମ ରାଷ୍ଟ୍ରପତି ହେବାକୁ ଯାଉଛନ୍ତି, ଯାହାଙ୍କର ଜନ୍ମ ସ୍ୱାଧୀନତା ପ୍ରାପ୍ତି ପରେ ହୋଇଥିଲା । ମୁର୍ମୁ ୧୯୫୮ ଜୁନ୍ ୨୦ରେ ଜନ୍ମଲାଭ କରିଥିଲେ । ବର୍ତ୍ତମାନର ରାଷ୍ଟ୍ରପତି ରାମନାଥ କୋବିନ୍ଦ ସ୍ୱାଧୀନତାର ଦୁଇବର୍ଷ ପୂର୍ବରୁ ଅର୍ଥାତ୍ ୧୯୪୫ ଅକ୍ଟୋବର ୧ରେ ଜନ୍ମଲାଭ କରିଥିଲେ ।

ସର୍ବକନିଷ୍ଠ : ୬୪ ବର୍ଷୀୟା ଦ୍ରୌପଦୀ ମୁର୍ମୁ ଦେଶର ସର୍ବକନିଷ୍ଠ ରାଷ୍ଟ୍ରପତି ହେବେ । ମୁର୍ମୁଙ୍କ ପୂର୍ବରୁ ଏହି ରେକର୍ଡ ନିଲମ ସଞ୍ଜୀବ ରେଡ୍ଡୀଙ୍କ ନାମରେ ଥିଲା । ରେଡ୍ଡୀ ଯେବେ ରାଷ୍ଟ୍ରପତି ହେଲେ ତାଙ୍କ ବୟସ ୬୪ ବର୍ଷ ଦୁଇମାସ ଥିଲା । କିନ୍ତୁ ମୁର୍ମୁ ଯେତେବେଳେ ଶପଥ ନେବେ, ତାଙ୍କ ବୟସ ୬୪ ବର୍ଷ ୧ ମାସ ହେବ ।

ଦ୍ୱିତୀୟ ମହିଳା ରାଷ୍ଟ୍ରପତି : ଦ୍ରୌପଦୀ ମୁର୍ମୁ ହେବେ ଦେଶର ଦ୍ୱିତୀୟ ମହିଳା ରାଷ୍ଟ୍ରପତି । ତାଙ୍କ ପୂର୍ବରୁ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ପ୍ରତିଭା ଦେବୀସିଂହ ପାଟିଲ ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ରହିଥିଲେ ।

ଓଡ଼ିଶାରୁ ପ୍ରଥମ : ଦ୍ରୌପଦୀ ମୁର୍ମୁ ପ୍ରଥମ ରାଷ୍ଟ୍ରପତି ହେବେ, ଯିଏ ଓଡ଼ିଶାର ନିବାସୀ । ତାଙ୍କ ପୂର୍ବରୁ ରାଷ୍ଟ୍ରପତି ଭି ଭି ଗିରିଙ୍କ ସମ୍ବନ୍ଧ ଓଡ଼ିଶା ସହ ରହିଥିଲା । ଗିରିଙ୍କ ଜନ୍ମ ମଦ୍ରାସ ପ୍ରେସିଡେନ୍ସିର ବ୍ରହ୍ମପୁରରେ ହୋଇଥିଲା, ଯାହା ଏବେ ଓଡ଼ିଶାରେ ରହିଛି । କିନ୍ତୁ ଗିରି ତେଲୁଗୁ ପରିବାରରୁ ଆସିଥିଲେ । ତାଙ୍କ କର୍ମଭୂମି ଆନ୍ଧ୍ରପ୍ରଦେଶ ଥିଲା । ଏଠିଠାରୁ ସେ ସାଂସଦ ହୋଇଥିଲେ ।

ବିଜେପି ପୃଷ୍ଠଭୂମିରୁ ଦ୍ୱିତୀୟ : ବିଜେପି ପୃଷ୍ଠଭୂମିରୁ ଆସିଥିବା ଦ୍ୱିତୀୟ ରାଷ୍ଟ୍ରପତି ହେଉଛନ୍ତି ମୁର୍ମୁ । ବର୍ତ୍ତମାନର ରାଷ୍ଟ୍ରପତି ରାମନାଥ କୋବିନ୍ଦ ବିଜେପି ପୃଷ୍ଠଭୂମିରୁ ଆସିଥିଲେ, ଯାହାଙ୍କର ରାଜନୀତି ଜୀବନ ବିଜେପି ସହ ଯୋଡ଼ି ହୋଇଥିଲା ।

କଲେଜ୍ ଯିବାରେ ପ୍ରଥମ : ମୁର୍ମୁଙ୍କ ପିଲାଦିନ ତାଙ୍କ ଗାଁ ଉପରବେଡ଼ାରେ କଟିଛି । ମୁର୍ମୁ ଉଚ୍ଚ ଶିକ୍ଷା ଗ୍ରହଣ କରିବାରେ ତାଙ୍କ ଗାଁରେ ପ୍ରଥମ । ତାଙ୍କ ଗାଁରୁ ସେ ପ୍ରଥମ ଥର ପାଇଁ କଲେଜ୍ ଯାଇଥିଲେ । ମୁର୍ମୁ ଭୁବନେଶ୍ୱରର ରମାଦେବୀର ଓମେନ୍ସ କଲେଜ୍ (ବର୍ତ୍ତମାନ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ)ରେ ଅଧ୍ୟୟନ କରୁଥିଲେ । ସେତେବେଳେ ତାଙ୍କ ବାପା ମା' ତାଙ୍କୁ ମାସିକ ଖର୍ଚ୍ଚ ୧୦ ଟଙ୍କା ଦେଉଥିଲେ ।

ଝାଡ଼ଖଣ୍ଡର ପ୍ରଥମ ମହିଳା ରାଜ୍ୟପାଳ : ୨୦୧୫ରେ ଦ୍ରୌପଦୀ ମୁର୍ମୁ ଝାଡ଼ଖଣ୍ଡ ରାଜ୍ୟପାଳ ହେଲେ । ଝାଡ଼ଖଣ୍ଡର ପ୍ରଥମ ମହିଳା ରାଜ୍ୟପାଳ ହୋଇ ସେ ଇତିହାସ ସୃଷ୍ଟି କରିଥିଲେ । ୨୦୨୧ ପର୍ଯ୍ୟନ୍ତ ସେ ଝାଡ଼ଖଣ୍ଡ ରାଜ୍ୟପାଳ ପଦରେ ରହିଥିଲେ ।

# ବର୍ଷ ବର୍ଷ ଧରି ବସୁନି ଆର୍‌ପିଡିଏସ ବୈଠକ

ସମ୍ବଲପୁର : ଅନେକ ବର୍ଷ ପର୍ଯ୍ୟନ୍ତ ବସୁନି ଆର୍‌ପିଡିଏସ ବୈଠକ ଶିଳ୍ପାନୁଷ୍ଠାନ ବିସ୍ଥାପିତ ଓ ପ୍ରଭାବିତ ଲୋକ ସହିତ ଜିଲ୍ଲାବାସୀଙ୍କୁ ମିଳିପାରୁନି ଶିଳ୍ପାନୁଷ୍ଠାନ ସ୍ଥାପନର ସୁଫଳ । ହକ୍ ପାଇଁ ଲୋକଙ୍କୁ ସଂଘର୍ଷ କରିବାକୁ ପଡୁଥିବା ବେଳେ ସମ୍ବଲପୁର ଜିଲ୍ଲାର ଏକ ଶିଳ୍ପାଞ୍ଚଳ ବିଧାନସଭା କ୍ଷେତ୍ର ରେଙ୍ଗାଲିର ବିଧାୟକ ନାଉରୀ ନାୟକ ଏ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏ ସଂକ୍ରାନ୍ତରେ ବିଧାନସଭାରେ ଏହି ପ୍ରସଙ୍ଗ ଉତ୍ଥାପନ କରି ନିୟମିତ ଆର୍‌ପିଡିଏସ ବୈଠକ ଆୟୋଜନ ନିମନ୍ତେ ରାଜସ୍ୱ ମନ୍ତ୍ରୀ ଉତ୍ତରାଂଚଳ ଆର୍‌ପିଡିସିଙ୍କୁ ନିର୍ଦ୍ଦେଶ ବିଧାନସଭାର ଦେବା ପାଇଁ ଦାବି କରିଛନ୍ତି । ବିଧାନସଭାର ଶୂନ୍ୟକାଳରେ ରେଙ୍ଗାଲି ବିଧାୟକ ଶ୍ରୀ ନାୟକ କହିଲେ, ବିଭିନ୍ନ ପ୍ରକଳ୍ପ ପାଇଁ ବିସ୍ଥାପିତ ଓ ପ୍ରଭାବିତ ଲୋକଙ୍କ ହିତରକ୍ଷା ପାଇଁ ପ୍ରତି ତିନି ମାସ ରେ ଆର୍‌ପିଡିଏସ ବୈଠକ ଅନୁଷ୍ଠିତ ହେବା ଉଚିତ । ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ୨୦୦୬ ମସିହାରୁ ଆର୍‌ପିଡିସି ବୈଠକ ପାଇଁ ସର୍ତ୍ତାବଳୀ ଓ ନିୟମାବଳୀ ରହିଛି । ହେଲେ ସମ୍ବଲପୁର ଜିଲ୍ଲାରେ ବର୍ଷ ବର୍ଷ ଧରି ଏହି ବୈଠକ ଡକାଯାଉ ନାହିଁ । ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ପକ୍ଷରୁ ଶେଷଥର ପାଇଁ ୨୦୧୬ ମସିହାରେ ଆର୍‌ପିଡିସି ବୈଠକ ଅନୁଷ୍ଠିତ ହୋଇଥିଲା । ସେହିପରି ଭୂଷଣ ଷ୍ଟିଲର ଆର୍‌ପିଡିସି ଶେଷ ଥର ନିମନ୍ତେ ୨୦୧୮ ମସିହାରେ ଅନୁଷ୍ଠିତ ହୋଇଥିଲା । ରାଠି ଷ୍ଟିଲର ୨୦୧୩ ମସିହାରୁ ଏହି ବୈଠକ ବସି ନାହିଁ । ବିରାଜ ଷ୍ଟିଲର ୨୦୧୧ରୁ ଆର୍ଯ୍ୟନ ଇସ୍ପାତ ର ୨୦୧୩ ରୁ ଆର୍‌ପିଡିସି ବୈଠକ ହୋଇନାହିଁ । ଏନ୍‌ଏଲ୍‌ସି ପକ୍ଷରୁ ଏପ୍ରିଲ ୨୦୨୧ ମସିହାରେ ବୈଠକ ହୋଇଥିଲା । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ସମ୍ବଲପୁର ଜିଲ୍ଲାରେ କାର୍ଯ୍ୟ କରୁଥିବା ଏନ୍‌ଏଲ୍‌ସିର ବୈଠକ ଝାରସୁଗୁଡାରେ ଅନୁଷ୍ଠିତ ହୋଇଥିଲା । ଏଣୁ ବିଷୟର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିସ୍ଥାପିତ ଓ ପ୍ରଭାବିତଙ୍କ ହିତ ରକ୍ଷା ପାଇଁ ରାଜ୍ୟ ସରକାରଙ୍କ ରାଜସ୍ୱ ମନ୍ତ୍ରୀ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ଯେମିତି ପ୍ରତି ତିନି ମାସରେ ପ୍ରତ୍ୟେକ ଆର୍‌ପିଡିଏସ ବୈଠକ ଡକାଯିବାକୁ ନିର୍ଦ୍ଦେଶ ଦେବାକୁ ବିଧାୟକ ଶ୍ରୀ ନାୟକ ଦାବି କରିଥିଲେ । ଜଳ, ଜଙ୍ଗଲ, ଖଣିଖାଦାନରେ ଭରପୁର ସମ୍ବଲପୁର ଜିଲ୍ଲାରେ ଦ୍ରୁତ ଶିଳ୍ପାୟନ ଓ ଖଣି ଖନନ ଚାଲିଛି ସତ, କିନ୍ତୁ ଜିଲ୍ଲାବାସୀ କିମ୍ବା ପ୍ରଭାବିତ ପରିବାରଙ୍କୁ ସେମାନଙ୍କ ହକ୍ ମିଳିପାରୁ ନାହିଁ । ସମ୍ବଲପୁର ଶିଳ୍ପାନୁଷ୍ଠାନ ଗୁଡ଼ିକର କାର୍ଯ୍ୟକଳାପ ଜିଲ୍ଲାର ମନୋମୁଖୀ ପ୍ରଶାସନିକ ଅବହେଳା ପାଇଁ କ୍ଷତି ସହୁଛନ୍ତି ଆଉ ଦୁଃଖ ବି ଭୋଗୁଛନ୍ତି ସାଧାରଣ ଲୋକେ । ଗୋଟିଏ ପରେ ଗୋଟିଏ ବୃହତ୍ ଓ ମଧ୍ୟମ ଶିଳ୍ପାନୁଷ୍ଠାନର ଆଗମନରେ ଖୁସି ହୋଇ ଅନେକ ସ୍ୱପ୍ନ ଦେଖିଥିଲେ ଜିଲ୍ଲାବାସୀ । କିନ୍ତୁ, ଶିଳ୍ପାନୁଷ୍ଠାନ ଓ ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁ ଜୀବନ ଜୀବିକା ହରେଇବା ସହିତ ଭୂମିହରା ଓ ବାସହରା ହୋଇଥିବା ସମସ୍ତ ପରିବାରଙ୍କୁ ଆଜି ପର୍ଯ୍ୟନ୍ତ ହକ ମିଳି ପାରିନାହିଁ ।

# ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ ସଫଳତା

ଝାରସୁଗୁଡ଼ା : ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିର ଛାତ୍ରଛାତ୍ରୀ ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଦ୍ୱାଦଶ ଓ ଦଶମ ଶ୍ରେଣୀ ପରୀକ୍ଷା ଫଳ ଆନୁସାରେ ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି । ପ୍ରଥମେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଥିଲା । ପରୀକ୍ଷା ଦେଇଥିବା ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିରର ମୋଟ୍ ୭୯ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସମସ୍ତେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ୪ ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ଓ ୩୧ ଜଣ ୮୦ରୁ ୯୦ ପ୍ରତିଶତ ମଧ୍ୟରେ ନମ୍ବର ରଖିଛନ୍ତି । ଅବଶିଷ୍ଟ ୪୪ ଛାତ୍ରଛାତ୍ରୀଙ୍କ ନମ୍ବର ୮୦ ପ୍ରତିଶତରୁ କମ୍ ରହିଛନ୍ତି । ବିଦ୍ୟାଳୟର ବାଣିଜ୍ୟ ବିଭାଗ ଛାତ୍ରୀ ଯୁକ୍ତା ପଟେଲ୍ ୯୭ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବିଜ୍ଞାନ ବିଭାଗରେ ଅନନ୍ୟା ନାୟକ ୯୨ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନରେ ରହିଛନ୍ତି ।

ସେହିପରି ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳାଫଳ ଅନୁସାରେ ପରୀକ୍ଷା ଦେଇଥିବା ବିଦ୍ୟାଳୟର ସମସ୍ତ ୧୧୦ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି । ସେମାନଙ୍କ ମଧ୍ୟରେ ୯୩ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଅବଶିଷ୍ଟ ୧୭ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ୧୬ ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ, ୪୪ ଜଣ ୮୦ରୁ ୯୦ ପ୍ରତିଶତ ମଧ୍ୟରେ ଏବଂ ଅବଶିଷ୍ଟ ଛାତ୍ରଛାତ୍ରୀ ୮୦ ପ୍ରତିଶତରୁ କମ୍ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ଛାତ୍ରୀ ପ୍ରତିଶ୍ରୁତି ଖୁଣ୍ଟିଆ ୯୭ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପ୍ପର୍ ହୋଇଛନ୍ତି । ସେହିପରି ଅମନ୍ ସାଇ ୯୬.୨ ପ୍ରତିଶତ ସହ ଦ୍ୱିତୀୟ ଓ ସମୀର କୁମାର ନାଏକ ୯୬ ପ୍ରତିଶତ ସହ ତୃତୀୟ ସ୍ଥାନ ହାସଲ କରିଛନ୍ତି । ଅନ୍ୟତମ ଛାତ୍ର ରାଜ ସିଂ ଆଇଟି ବିଭାଗରେ ୧୦୦ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି । ଛାତ୍ରଛାତ୍ରୀଙ୍କ ଏତାଦୃଶ ସଫଳତା ପାଇଁ ଅଧ୍ୟକ୍ଷା ସଞ୍ଜୁକ୍ତା ଦାଶ ଗଣିତ ବିଭାଗ ମୁଖ୍ୟ ଓ ଉପଦେଷ୍ଟା ମନୋରଞ୍ଜନ ଗୁମାନସିଂ ଏବଂ ଆଇଟି ବିଭାଗ ପ୍ରଶିକ୍ଷିକା ଅଳକା ବେଗେଡ଼ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି ।

# ଟାଉନ ଥାନା ଓ ନାକଟିଦେଉଳ ଥାନାରେ ରକ୍ତଦାନ ଶିବିର

ସମ୍ବଲପୁର : ସମ୍ବଲପୁର ଟାଉନ ଥାନା ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଶିବିରକୁ ସଦର ଏସଡିପିଓ ପ୍ରଦୀପ କୁମାର ସାହୁ ଉଦଘାଟନ କରିଥିଲେ । ଥାନାଧିକାରୀ ପ୍ରକାଶ କୁମାର କର୍ଣ୍ଣଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ୧୨୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ବୁର୍ଲା ରକ୍ତ ଭଣ୍ଡାରର ଡାକ୍ତର ମୌସୁମୀ ମହାନ୍ତି, ଦେବାଶିଷ ମିଶ୍ର, ମଣ୍ଟୁ ପ୍ରଧାନ ପ୍ରମୁଖ ଶିବିର ପରିଚାଳନା କରିଥିଲେ । ଟାଉନ ଥାନାର ଏସଆଇ ଚିତରଞ୍ଜନ ମେହେର, ବିଶ୍ୱନାଥ ଦେବତା, ତୁଷାର ସାହୁ, ଗଜିନ୍ଦ୍ର ମାଝୀ, ଅରୁଣ ମାଝୀଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ ।

ସେହିପରି ନାକଟିଦେଉଳ ଥାନା ପରିସରରେ ମୋ ସରକାର ୫ଟି ସେଲ ସମ୍ବଲପୁର ଦ୍ୱାରା ଆରକ୍ଷୀ ଅଧୀକ୍ଷକ ବି. ଗଙ୍ଗାଧରଙ୍କ ନିର୍ଦ୍ଦେଶକ୍ରମେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ରେଢ଼ାଖୋଲ ଏସଡିପିଓ ପ୍ରଶାନ୍ତ କୁମାର ମେହେର ଉଦଘାଟନ କରିଥିବା ବେଳେ ନାକଟିଦେଉଳ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧୀର କୁମାର ସାହୁ ଓ ନାକଟିଦେଉଳ ଥାନା ଅଧିକାରୀ ବିଭୂତିଭୂଷଣ ଦଳେଇ ଉପସ୍ଥିତ ଥିଲେ । ଥାନା ଅଧିକାରୀ ଶ୍ରୀ ଦଳେଇ ନିଜେ ରକ୍ତଦାନ କରିବା ସହ ବହୁ ଲୋକ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ମୋଟ ୧୧୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଏହି ଶିବିରକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରର ଡାକ୍ତର କଳ୍ପେଶ୍ କକୁଡ୍, ସନ୍ତୋଷ ଗୌଡ଼, କର୍ମଦେବ ପଟେଲ, ଗଣେଶ ସେଟ୍, ମନବୋଧ ନାୟକ ଏବଂ ରେଢାଖୋଲ ରକ୍ତଭଣ୍ଡାରର ଇନ୍ଦ୍ରମଣି ବେହେରା, ସୁଦର୍ଶନ ନାଏକ, ଯାମିନି ସାହୁ ଓ ତ୍ରିପୁରାରୀ ଗଡତିଆ ପରିଚାଳନା କରିଥିଲେ । ରେଢ଼ାଖୋଲ ଏସଡିପିଓ ଶ୍ରୀ ମେହେର ରକ୍ତଦାତାମାନଙ୍କୁ ମାନପତ୍ର ଦେଇ ଉତ୍ସାହିତ କରିଥିଲେ । ହାବିଲଦାର ଏବଂ କନେଷ୍ଟବଲ ଶାଖା ସଂଘ ସଭାପତି ରାମଦାସ ପଣ୍ଡାଙ୍କ ସଂଯୋଜନାରେ ଏହି ଦୁଇ ଶିବିର ଆୟୋଜନ କରାଯାଇଥିଲା ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ ଜାତୀୟ ଆଲୋଚନାଚକ୍ର















ସମ୍ବଲପୁର : ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ 'ଜାତିଗଠନ ଦିଗରେ ଯୁବସମାଜକୁ ପ୍ରସ୍ତୁତ କରିବା' ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରରେ ଦେଶ ବିଦେଶର ବହୁ ଶିକ୍ଷାବିତ୍ ଓ ବିଶିଷ୍ଟ ବ୍ୟକ୍ତି ଆଭାସି ଓ ବ୍ୟକ୍ତିଗତ ଭାବେ ଯୋଗ ଦେଇଥିଲେ । ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡକ୍ଟର ସୁରେଶ ଚନ୍ଦ୍ର ଦଲେଇ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ ।

ପବ୍ଲିକ ଲାଇବ୍ରେରୀର ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ କୃପାଳୁ ମହାରାଜଙ୍କର ଶିଷ୍ୟା ତଥା ପ୍ରଚାରିକା ପୁରୀର ରାସେଶ୍ୱରୀ ଦେବୀ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରାମାନୁଜମ କଲେଜର ଅଧ୍ୟକ୍ଷ ପ୍ରଫେସର ଏସ୍.କେ. ଅଗ୍ରୱାଲ, ବାଙ୍ଗାଲୁରୁର ସିଲିକନ୍ ଗ୍ରୁପ୍ ଅଫ୍ ଏଜୁକେଶନାଲ ଇନଷ୍ଟିଚ୍ୟୁଟ୍‌ର ଅଧ୍ୟକ୍ଷ ଡକ୍ଟର ଏଚ୍.ଏମ୍. ଚନ୍ଦ୍ରଶେଖର, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କ କୁମାର ଦାଶ ମହାପାତ୍ର ଓ ପାଇକମାଳ ସ୍ଥିତ ଆୟୁର୍ବେଦ କଲେଜର ଅବସରପ୍ରାପ୍ତ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଅନୁଷ୍ଠାନର ଯୁଗ୍ମ ସଂପାଦକ ରାଜେନ୍ଦ୍ର କୁମାର ପଣ୍ଡା ଆଲୋଚନାଚକ୍ର ଆୟୋଜନର ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିବା ବେଳେ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିମାନଙ୍କ ପକ୍ଷରୁ ଆଲୋଚନାଚକ୍ରର ସଫଳତା କାମନା କରି ଆସିଥିବା ବାର୍ତ୍ତା ଗୁଡିକୁ ପ୍ରଫେସର ରବି ନାରାୟଣ ମିଶ୍ର ପାଠ କରିଥିଲେ । ପବ୍ଲିକ ଲାଇବ୍ରେରୀର ଉପାଧ୍ୟକ୍ଷ ପ୍ରଫେସର ଶଙ୍କର ପ୍ରସାଦ ପତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସଂପାଦକ ଶ୍ରୀ ରଘୁନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପ୍ରକାଶିତ ସ୍ମରଣିକା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଅନନ୍ୟା ସାବତ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।







ଏହି ଅବସରରେ ଆୟୋଜିତ ବିଭିନ୍ନ ବୈଷୟିକ ଅଧିବେଶନରେ ପ୍ରଫେସର ସୁଦର୍ଶନ ପୂଜାରୀ, ଡକ୍ଟର ନିରୂପମା ବଡ଼ପଣ୍ଡା ଓ ପ୍ରଫେସର କାମଦେବ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ଡକ୍ଟର ଗିରିଧାରି ହୋତା ରେପୋଟିଅର ଦାୟିତ୍ୱ ନିର୍ବାହ କରିଥିଲେ । ଅନ୍ୟାନ୍ୟମାନଙ୍କ ମଧ୍ୟରେ ଡକ୍ଟର ରାଜୀବ ନୟନ, ପ୍ରଫେସର ସୁଧୀର ସାହୁ, ପ୍ରଫେସର ସୁରେନ୍ଦ୍ର ପ୍ରସାଦ ପଣ୍ଡା, ଡକ୍ଟର ଅଶୋକ କୁମାର ହୋତା, ଶିବ ଶଙ୍କର ଷଡ଼ଙ୍ଗୀ, ପ୍ରଫେସର ମୁରଲୀ ପ୍ରସାଦ ନାୟକ, ପ୍ରଫେସର ୟୁ.ସି. ଖାଡଙ୍ଗା, ପ୍ରଫେସର ନିର୍ମଳ ଚନ୍ଦ୍ର ବିଶ୍ୱାଳ, ଡକ୍ଟର ବିପିନ ରାଠି, ଉଦିତ ଚନ୍ଦ୍ର ପାଙ୍ଗଯୋଶୀ, ପୃଥ୍ୱୀରାଜ ମିଶ୍ର, ଅକ୍ଷୟ କୁମାର ବାରିକ, ଡକ୍ଟର ଶ୍ୟାମ ସୁନ୍ଦର ଧର, ଶ୍ରୀମତୀ ଦିପାଳୀ ଚୌଧୁରୀ, କାଶୀନାଥ ପ୍ରଧାନ, ଡକ୍ଟର ହିମାଂଶୁ ପ୍ରସାଦ ଆଚାର୍ଯ୍ୟ, ଶ୍ରୀ ଅରବିନ୍ଦ ମହାପାତ୍ର, ଡକ୍ଟର ରାଜ କୁମାର ସାଣ୍ଡିଲ୍ୟ, ମୁକ୍ତକଣ୍ଠ ପ୍ରଧାନ, ସାଗରିକା ମିଶ୍ର, ହରିନାରାୟଣ ପଣ୍ଡା, ସପନ ମିଶ୍ର, ଦେବାଶିଷ ମେହେର ଓ ଧରଣିଧର ପ୍ରଧାନ ପ୍ରମୁଖ ଆଲୋଚନାଚକ୍ରର ବିଭିନ୍ନ ଅଧିବେଶନରେ ଅଂଶ ଗ୍ରହଣ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଆଇ.ଆଇ.ଏମ୍.ର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ।






# ଜଗନ୍ନାଥ କଲୋନୀର ବରିଷ୍ଠ ନାଗରିକ ଫୋରମ୍‌ର ବନମହୋତ୍ସବ







ସମ୍ବଲପୁର : ଜଗନ୍ନାଥ କଲୋନୀର ବରିଷ୍ଠ ନାଗରିକ ଫୋରମ୍ ତରଫରୁ ବନମହୋତ୍ସବ ପାଳିତ ହୋଇଯାଇଛି । ଫୋରମର ସଭାପତି ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରଞ୍ଜିତ ରାଉତଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ଫୋରମର ସମ୍ପାଦକ ଶ୍ରୀ ରବି ଦାଶଙ୍କ ସହିତ ସଭ୍ୟ ସୁବୋଧ ସାହାଣୀ, ଗୋକୁଳ ପ୍ରଧାନ, କ୍ଷିତିଶ ପାଙ୍ଗଯୋଶୀ, ଚିତ୍ତରଞ୍ଜନ ଦେବତା, ଏ.କେ ବୋଷ, ବିଷ୍ଣୁପ୍ରିୟା ରଥ, ସୌଦାମିନୀ ମିଶ୍ର, କଳ୍ପନା ରାଉତ, ମିନତୀ ମିଶ୍ର ପ୍ରମୁଖ ୪୬ଟି ନିମ୍ବ ଗଛ ଓ ପାଞ୍ଚୋଟି କରଞ୍ଜ ଗଛ ରୋପଣ କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra